# ସମସ୍ୟାଘେରରେ ଯାଜପୁର ରୋଡ୍ ରେଳଷ୍ଟେଶନ

ଯାଜପୁର,୧୭।୧୨(ହର୍ଷବର୍ଦ୍ଧନ ବେହେରା) :

ସାରା ଦେଶରେ ରେଳପଥର ବିକାଶ ପାଇଁ କେନ୍ଦ୍ର ସରକାର ନାନା ପ୍ରକଳ୍ପ ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରେଳପଥର ସମ୍ପ୍ରସାରଣ ସମେତ ଷ୍ଟେଶନଗୁଡ଼ିକର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ କେନ୍ଦ୍ର ସରକାର କୌଣସି ବାଛବିଚାର କରୁନାହାନ୍ତି। କିନ୍ତୁ ଯାଜପୁର ଜିଲାର ଖଣି ଓ ଶିଳ୍ପାଞ୍ଚଳ କଳିଙ୍ଗନଗର ମୁଖଶାଳା ଭାବେ ପରିଚିତ ଯାଜପୁର-କେନ୍ଦୁଝର ରୋଡ଼ ରେଳ ଷ୍ଟେଶନ ପ୍ରତି ଅବହେଳାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏହି ଷ୍ଟେଶନକୁ ଡିଭିଜନ ମାନ୍ୟତା, ଉଭୟ ପାର୍ଶ୍ୱ ତଥା ଦକ୍ଷିଣକୁ ଅନ୍ୟ ଏକ ଷ୍ଟେଶନ ନିର୍ମାଣ, ଷ୍ଟେଶନର ନାମ ପରିବର୍ତ୍ତନ, ସମସ୍ତ ଦ୍ରୁତଗାମୀ ଟ୍ରେନ ରହଣୀ, ପାର୍ସଲ ଓ ଲଗେଜ ଟ୍ରାଫିକ କାଉଣ୍ଟର, ମାଲଗୋଦାମ ସ୍ଥାନାନ୍ତରଣ, ପ୍ରସ୍ତାବିତ ବିରଜା କ୍ଷେତ୍ରକୁ ନୂତନ ରେଳପଥ ନିର୍ମାଣ ଇତ୍ୟାଦି ଦାବି ଅସମାହିତ ରହିଛି।

ଯାଜପୁର ରୋଡ଼ ରେଳ ଷ୍ଟେଶନରେ ଆବଶ୍ୟକ ଭିତ୍ତିଭୂମି ରହିଥିଲେ ହେଁ ଦୀର୍ଘ ବର୍ଷର ରେଳ ଡିଭିଜନ ଦାବି ପୂରଣ ହୋଇ ପାରୁନାହିଁ । ଉତ୍ତର ଓଡ଼ିଶାରେ ଯାଜପୁର ଦେଇ ଯାଇଥିବା ରେଳପଥ ଦୀର୍ଘତମ । ସେହିପରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ରେଳଷ୍ଟେଶନ ଓ ନିର୍ମାଣାଧୀନ ଷ୍ଟେଶନ ରହିଛି । ୪ଟି ନୂତନ ରେଳପଥ ନିର୍ମାଣ କରିବାକୁ ସର୍ଭେ ଶେଷ ହୋଇଛି । ୭ଟି ଗୁଡ୍ସ୍ ସେଡ୍ ଏଠାରେ କାର୍ଯ୍ୟ କରୁଛି । ଯାଜପୁର ରୋଡ଼ ଓ ଯଖପୁରା ଷ୍ଟେଶନ ନିକଟରେ ପର୍ଯ୍ୟାପ୍ତ ପରିମାଣର ରେଳ ବିଭାଗୀୟ ଜମି ମହଜୁଦ ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ଶିଳ୍ପାଞ୍ଚଳ, ପର୍ଯ୍ୟଟନସ୍ଥଳୀ ଓ ଖଣି ରହିଛି । ତେଣୁ ଅଞ୍ଚଳବାସୀ ଏହି ଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବି ନେଇ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ ଏବଂ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଏମ୍‌ପି ଏହି ଦାବିକୁ ସମର୍ଥନ କରି କେନ୍ଦ୍ରର ଦୃଷ୍ଟି ଆକର୍ଷଣ ମଧ୍ୟ କରି ସାରିଛନ୍ତି। କିନ୍ତୁ କେଉଁ କାରଣରୁ ଏହି ଦାବି ପୂରଣ ହୋଇ ପାରୁନାହିଁ ତାହା ସାଧାରଣରେ ପ୍ରଶ୍ନବାସୀ ସୃଷ୍ଟି କରିଛି। ଏହି ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସ୍ତାବ ସାମାନ୍ୟ ବନାନ ତ୍ରୁଟି ପାଇଁ ଦୀର୍ଘ ୬ ବର୍ଷ ହେଲା ଅଟକି ରହିଛି। ଯାଜପୁରରୋଡ଼ ଷ୍ଟେଶନର ପରିଚାଳନା ଓ ବିକାଶ ପାଇଁ ପରାମର୍ଶଦାତା କମିଟି ଗଠିତ ହୋଇଛି । ବିଭିନ୍ନସ୍ତରର ବୁଦ୍ଧିଜୀବୀ ଏହି କମିଟିର ସଭ୍ୟ ରହିଛନ୍ତି । ପ୍ରତି ୩ ମାସରେ ଏହି କମିଟିର ବୈଠକ ବସି ବିଭିନ୍ନ ପଦକ୍ଷେପ ଏବଂ ଯୋଜନା ଉପରେ ନିଷ୍ପତ୍ତି ନିଆଯାଉଛି। କିନ୍ତୁ କମିଟିର ଅଧିକାଂଶ ପ୍ରସ୍ତାବ ଫାଇଲ ଭିତରେ ସୀମିତ ରହିଛି। ଷ୍ଟେଶନର ୧,୨,୩ ଓ ୪ ନମ୍ବର ପ୍ଲାଟଫର୍ମର ପଶ୍ଚିମାଞ୍ଚଳରେ କୌଣସି ଶୌଚାଳୟ ନାହିଁ । ଯେତେବେଳେ ଯାତ୍ରୀମାନେ ପଶ୍ଚିମ ଦିଗରେ ଅପେକ୍ଷା କରିଥାନ୍ତି, ସେଠାରେ ଶୌଚାଳୟ ନ ଥିବାରୁ ରେଳଲାଇନ ଉପରେ ପରିଶ୍ରା କରିବାକୁ ବାଧ ହୋଇଥାନ୍ତି । ଯାଜପୁରରୋଡ଼ ସହରର ମଧ୍ୟ ଭାଗର ଉତ୍ତର ଦିଗରେ କାଉଣ୍ଟର, ଷ୍ଟାଣ୍ଡ ଇତ୍ୟାଦି ରହିଛି। ଷ୍ଟେଶନ ବହୁ ସମୟରେ ଜାମ ରହୁଛି। ବିଶେଷକରି ଦକ୍ଷିଣ ପାର୍ଶ୍ୱର ଯାତ୍ରୀମାନେ ତାଙ୍କ ବାଇକ୍ କିମ୍ବା ଗାଡ଼ି ଷ୍ଟାଣ୍ଡକୁ ନେଇ ରଖିବାକୁ ଅସୁବିଧା ହୋଇଥାଏ । ଏଥିପାଇଁ ବହୁ ସମୟରେ ଯାତ୍ରୀମାନେ ଠିକ୍ ସମୟରେ ଷ୍ଟେଶନରେ ପହଞ୍ଚି ନ ପାରି ଟ୍ରେନ ମିସ୍ କରିଥାଆନ୍ତି। ତେଣୁ ଭୁବନେଶ୍ୱର ଓ କଟକ ଭଳି ଉଭୟ ପାର୍ଶ୍ୱରେ ଷ୍ଟେଶନ ନିର୍ମାଣ କରିବାକୁ ଦାବି ହେଉଛି। ବିଶେଷକରି ରେଳଷ୍ଟେଶନ ମଝିରେ ଥିବା ଗୁଡ୍ସ ସେଡ୍ ପାଇଁ ସହରବାସୀ ବାୟୁ ପ୍ରଦୂଷଣ ଓ ଟ୍ରାଫିକ ସମସ୍ୟାରେ ଜୁନ୍ଧି ହେଉଛନ୍ତି । ଯେଉଁଦିନ ସିମେଣ୍ଟ ଅନଲୋଡିଂ ହେଉଛି ସେଦିନ ଶତାଧିକ ଟ୍ରକ ସହର ଦେଇ ପରିବହନ ହେଉଛି । ଏହି ସମୟରେ ଦଳା ଛକଠାରୁ ଗଣେଶ ବଜାର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ ପରିସ୍ଥିତି ଅଣାୟତ୍ତ ହେଉଛି । ସିମେଣ୍ଟ ଗୁଣ୍ଡରେ ସହରବାସୀ ଅତିଷ୍ଠ ହେଉଥିବାବେଳେ ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ପରିସର ଧଳା ରଙ୍ଗରେ ଆଚ୍ଛାଦିତ ହେଉଛି । ଏହି ରାସ୍ତାଦେଇ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଅଟକି ରହୁଥିବା ଦେଖିବାକୁ ମିଳିଛି।


ଯାଜପୁର ରୋଡ୍ ରେଳ ଷ୍ଟେଶନର ଦକ୍ଷିଣପାର୍ଶ୍ୱ ।

ଏହି ଗୁଡ୍ସ ସେଡ୍ ଲୋକଙ୍କ ଶାନ୍ତିପୂର୍ଣ୍ଣ ଜୀବନରେ ଏକପ୍ରକାର ପ୍ରତିବନ୍ଧକ ସାଜିଛି । ତେଣୁ ଏହି ଗୁଡ୍ସ ସେଡ୍‌କୁ ଷ୍ଟେଶନର ପଶ୍ଚିମରେ ଥିବା ଅଞ୍ଚଳକୁ ସ୍ଥାନାନ୍ତର କରିବାକୁ କମିଟି ପକ୍ଷରୁ ବାରମ୍ବାର ପ୍ରସ୍ତାବ ଦିଆଯାଉଛି। ହେଲେ କେହି ଶୁଣୁ ନାହାନ୍ତି। କେତେକ ବୈଷୟିକ ତ୍ରୁଟି ଯୋଗୁ ପାର୍ସଲ ଓ ଲଗେଜ୍ ଟ୍ରାଫିକ କାଉଣ୍ଟର କ୍ଷତିରେ ଚାଲିଲା। ଦ୍ରୁତଗାମୀ ଟ୍ରେନ ରହଣୀ ଏବଂ ପୁରୀ ହାୱଡା ପାସେଞ୍ଜର ବନ୍ଦ ହେବା ପରେ ବିକଳ୍ପ ବ୍ୟବସ୍ଥା ନ କରିବା ପାର୍ସଲ ଓ ଲଗେଜ କାଉଣ୍ଟର ବନ୍ଦ କରାଯାଇଛି। ଏନେଇ ଯାଜପୁର ଏମପି ରବୀନ୍ଦ୍ର ନାରାୟଣ ବେହେରା ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି।

# ଘରୋଇ ହସ୍ପିଟାଲରେ ରୋଗୀଙ୍କୁ ମାନସିକ ନିର୍ଯାତନା

କାଏମା,୧୭।୧୨(ଶିବପ୍ରସାଦ ମହାନ୍ତି):

**ହସ୍ପିଟାଲ ମାଲିକଙ୍କ ନାମରେ ଥାନାରେ ଅଭିଯୋଗ**

ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର ନିକଟରେ ଥିବା ଏକ ଘରୋଇ ହସ୍ପିଟାଲରେ ରୋଗୀ ଓ ସମ୍ପର୍କୀୟଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, କୁଆଖିଆ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଖବରଦାତା ଗଗନ ବିହାରୀ ଦାସଙ୍କ ଭଉଣୀ କବିତା ମହାନ୍ତି ଧର୍ମଶାଳା ଥାନା ଅନ୍ତର୍ଗତ ଚହଟା ଗ୍ରାମରେ ବିବାହ କରିଛନ୍ତି। ତାଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଲଟ୍ରାସାଉଣ୍ଡ ପରେ ପେଟରେ ଟ୍ୟୁମର ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇଥିଲେ ଓ ତୁରନ୍ତ ଅସ୍ତ୍ରୋପଚାର କରାଇବା ପାଇଁ କହିଥିଲେ। ତେଣୁ ନଭେମ୍ବର ୬ରେ ତାଙ୍କର ଅସ୍ତ୍ରୋପଚାର କରି କିଛି ଦିନ ହସ୍ପିଟାଲରେ ରଖି ଛାଡ଼ିଦେଇଥିଲେ। ପୁନର୍ବାର ପେଟରେ ଯନ୍ତ୍ରଣା ହେବାରୁ ସେହି ମାସ ୭ରେ କବିତା ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଅସ୍ତ୍ରୋପଚାର ପାଇଁ ଯନ୍ତ୍ରଣା ହେଉଥିବା ଅନୁମାନ କରି ଉକ୍ତ ହସ୍ପିଟାଲରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଫଳରେ କବିତା ଘରୋଇ ହସ୍ପିଟାଲରେ ପହଞ୍ଚି ଯନ୍ତ୍ରଣା ବିଷୟରେ କହିବା ପରେ କବିତାଙ୍କ ଅସ୍ତ୍ରୋପଚାର ଅବସ୍ଥା ପରୀକ୍ଷା ନିମନ୍ତେ ଓଟିକୁ ନିଆଯାଇଥିଲା। ସେଠାରେ ତାଙ୍କର ପୁନର୍ବାର ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ସେହି ଦିନଠାରୁ ଉକ୍ତ ହସ୍ପିଟାଲରେ କବିତା ରହି ଚିକିତ୍ସାଧୀନ ଅଛନ୍ତି। ଏତେଦିନ ରହିବା ପରେ ବି କବିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିବା ବଦଳରେ ବିଗୁଡି ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରିବାର ଲୋକେ କହିଥିଲେ। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଏଥିରେ ବିରକ୍ତି ହୋଇ କବିତା ଓ ତାଙ୍କ ପରିବାର ଲୋକଙ୍କୁ ମାନସିକ ନିର୍ଯାତନା ଦେଇଥିଲେ ବୋଲି ଗଗନ ବିହାରୀ ଧର୍ମଶାଳା ଥାନା, ଯାଜପୁର ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ମାଲିକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଅସ୍ତ୍ରୋପଚାର ପୂର୍ବରୁ କବିତାଙ୍କ ପିୟୁସି ଓ ଦ୍ୱିତୀୟରେ ତାଙ୍କ ଝିଅ ଦସ୍ତଖତ କରିଥିବା ହସ୍ପିଟାଲ ମାଲିକ କହିଛନ୍ତି।

# ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଦଶରଥପୁର,୧୭।୧୨
(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡା ଗ୍ରାମର ପ୍ରକାଶ ସାହୁଙ୍କ ସ୍ତ୍ରୀ ରେବତୀଲତା ସାହୁ (୪୦) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତି ୯ଟାରେ କୌଣସି କାରଣକୁ ନେଇ ଘରେ କଳି ଲାଗିବାରୁ ସେ ହଠାତ ଯାଇ ନିଜ ଶୋଇବା ଘରେ ପିନ୍ଧା ଲୁଗା ସାହାଯ୍ୟରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ବାରମ୍ବାର କବାଟ ପିଟିଥିଲେ ସୁଦ୍ଧା ସେ କବାଟ ଖୋଲି ନ ଥିଲେ। ପରିବାର ଲୋକେ କବାଟ ଭାଙ୍ଗି ରେବତୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାରକରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ନଂ.୨୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମା’ ହିଙ୍ଗୁଳା କ୍ରିକେଟ: ଜାରକା, ଗୋପାଳପୁର ବିଜୟୀ


ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

ରସୁଲପୁର,୧୭।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମର ପାଳଖଳା ଖେଳ ପଡିଆରେ ଚାଲିଥିବା ମା’ ହିଙ୍ଗୁଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ତୃତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଛି। ଏଠାରେ ଆୟୋଜିତ ୩ ମ୍ୟାଚରେ ଜାରକା ଓ ଗୋପାଳପୁର କ୍ରିକେଟ କ୍ଲବ ପ୍ରତିପକ୍ଷ ଦଳକୁ ପରାସ୍ତ କରି ଅଗ୍ରଣୀ ଲାଭ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଜାରକା କ୍ରିକେଟ କ୍ଲବ ପ୍ରତିପକ୍ଷ ପଥରପଦା କ୍ରିକେଟ କ୍ଲବ- ପାଣିକୋଇଲି, ଦ୍ୱିତୀୟ ମାଚ୍ ମା’ ହିଙ୍ଗୁଳା କ୍ରିକେଟ କ୍ଲବ ପ୍ରତିପକ୍ଷ ଗୋପାଳପୁର, ତୃତୀୟ ମ୍ୟାଚ୍‌ରେ କାଜି ପାଟଣା କ୍ରିକେଟ କ୍ଲବ ଓ ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବରେ ଭୋଟକା ସମିତିସଭ୍ୟ ରଂଜିତ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରଶ୍ମିରଞ୍ଜନ ପରିଡ଼ା, ଆଲୋକ ସାହୁ, ସୁବାସ ସାହୁ, ପର୍ଶୁରାମ ପରିଡା ପ୍ରମୁଖ ପରିଚାଳନା କରିଥିଲେ। ଆୟୋଜକ କମିଟି ପକ୍ଷରୁ ନିରଞ୍ଜନ ପରିଡା(ନାଲୁଆ), ସଞ୍ଜୀବ ରାଉତ, ଅଜୟ ପରିଡା, ପ୍ରଦୀପ ପରିଡା, ରଶ୍ମିରଂଜନ ପରିଡା, ଶ୍ରୀକାନ୍ତ ପରିଡା, ବାପିନ ପରିଡା, ସନାତନ ନାୟକ, ନିରଞ୍ଜନ ପରିଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସୋତିରେ ଲକ୍ଷ୍ମୀନାରାୟଣ ପୂଜା

ପାଣିକୋଇଲି,୧୭।୧୨(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ସୋତି ଗ୍ରାମରେ ୧୧ତମ ଲକ୍ଷ୍ମୀନାରାୟଣ ପୂଜା ପାଳିତ ହେଉଛି। ପୂଜକ ଭାବେ ନବକିଶୋର, ବଟ, ବନାଦି ଯୋଗଦେଇଥିବାବେଳେ କର୍ତ୍ତାଭାବେ ଦିଗମ୍ବର ନାୟକ ଓ ଅନ୍ନପୂର୍ଣ୍ଣା ନାୟକ କାର୍ଯ୍ୟ ତୁଲାଉଛନ୍ତି।



# ‘ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ ମହାରାଜା’

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

ବାରିପଦା,୧୭।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ୧୫୪ତମ ଜୟନ୍ତୀ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପରିଷଦ ମିଳିତ ସହଯୋଗରେ ଏହି ଜୟନ୍ତୀ ପାଳନ କରାଯାଇଥିଲା। ବାରିପଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ପ୍ରତିମୂର୍ତ୍ତି ନିକଟରେ ସମସ୍ତ ନିମନ୍ତ୍ରିତ ଅତିଥି, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ ପରିବାରର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲାପାଳ ହେମକାନ୍ତ ସୟ ଓ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ ଉପସ୍ଥିତ ରହି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସମ୍ମୁଖରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରତିମୂର୍ତ୍ତିରେ ନିମନ୍ତ୍ରିତ ଅତିଥି ଓ ପ୍ରଶାସନିକ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ରାଜ୍ୟରେ ଉତ୍ତମ ପ୍ରଶାସନ ପାଇଁ ଭାଷା, ସ୍ୱାସ୍ଥ୍ୟ, ସାହିତ୍ୟ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ ବୋଲି ଜିଲାପାଳ ସୟ କହିଥିଲେ। ଏହି ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ହୋଇଥିବା ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜୟନ୍ତୀ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ଓ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ହେଲ୍ପିଂହ୍ୟାଣ୍ଡସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ରସୁଲପୁର,୧୭।୧୨(ରଂଜିତ ରାଉତ):

ପ୍ରସିଦ୍ଧ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥାଏ। ଏହିକ୍ରମରେ ହେଲ୍ପିଂହ୍ୟାଣ୍ଡସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପୂଜାପୀଠ ଅଞ୍ଚଳକୁ ସଫେଇ କରାଯାଇଛି। ଅଞ୍ଚଳକୁ ସଫାସୁତୁରା କରିବା ସହ ପୀଠକୁ ପଲିଥିନମୁକ୍ତ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପୂଜା ସମୟରେ ସାମୂହିକ ପ୍ରସାଦସେବନର ବନ୍ଦୋବସ୍ତ କରାଯିବ ବୋଲି ପୂଜା କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଛି। ପ୍ରସାଦସେବନ ସମୟରେ ଅଇଁଠା ଥାଳି, ପତ୍ର, ପଲିଥିନ, ପାଣି ବୋତଲ ଆଦି ବ୍ୟବହାର କରାଯିବ। ଉକ୍ତ ଅଳିଆ ଅବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ପ୍ରତ୍ୟେକ ଦିନ ସକାଳ ସମୟରେ ପୂଜା ସ୍ଥଳକୁ ସଫେଇ କରାଯିବ। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ପୂଜାକର୍ମରେ ବ୍ୟବହୃତ ହେଉଥିବା ଆବର୍ଜନା, ପୂଜାପୀଠରୁ ବାହାରୁଥିବା ଅଳିଆ ଅବର୍ଜନାକୁ କିଭଳି ଠିକ୍ ଭାବରେ ପରିଚାଳନା କରାଯିବ ସେ ନେଇ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ନକ୍ସା ପ୍ରସ୍ତୁତ କରାଯାଇଛି। ସଂଗୃହୀତ ଆବର୍ଜନାକୁ ବଜାରଠାରୁ ଦୂରରେ ଥିବା ଖାଲୁଆ ସ୍ଥାନରେ ଗଚ୍ଛିତ ରଖାଯିବ। ଶୁଖିଲା ଓ ଓଦା ଆବର୍ଜନାକୁ ପୃଥକ କରାଯାଇ ପୁନଃ ବ୍ୟବହୃତ ହୋଇପାରୁଥିବା ସମାଗ୍ରୀକୁ କବାଡିଆ ଦୋକାନରେ ପହଞ୍ଚାଇବା ଦିଗରେ ପଦକ୍ଷେପ ନିଆଯିବ। ପୀଠ ସ୍ଥଳରେ ପବିତ୍ରତା ବଜାଇ ରଖିବାକୁ ହେଲେ ସ୍ୱଚ୍ଛତା ଓ ପରିସ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରାକେଶ ସାହୁ, ମନୋଜ ସାହୁ, ଚିତ୍ତରଞ୍ଜନ ଦାସ, ଅଭିମନ୍ୟୁ ନାୟକ, ଦାମୋଦର ମହାରଣା, ଉମେଶ ସାହୁ, ଅଶ୍ୱିନୀ ଦାସ, ରବୀନ୍ଦ୍ର ରଣା, ଇନ୍ଦ୍ରଜିତ୍ ସ୍ୱାଇଁ, ଅଜିତ୍ ଆଇଚ, ସନ୍ତୋଷ ଦାସ, ଆକାଶ ସାହୁ, ମଣିଆ ମଲିକ, କାଳିଆ ଷଡ଼ଙ୍ଗୀ ଓ ମଙ୍ଗୁଳିଆ ମହାକୁଡ ପ୍ରମୁଖ ସୂଚନା ଦେଇଛନ୍ତି।


ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ।

# ଯାଜପୁର ସଦର ମହୋତ୍ସବ ଉଦ୍‌ଘାଟିତ

ଯାଜପୁର ସଦର,୧୭।୧୨
(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଯାଜପୁର ସଦର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମୁଖ୍ୟବକ୍ତାଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଯାଜପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟା ମହଲୟା ପାତ୍ର, ସମାଜସେବୀ କାଳନ୍ଦୀ ପତି, ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ରାଉତ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ଅତିଥି ବରୁଆଁ ଡାକବଙ୍ଗଳାଠାରୁ ଏକ ବିରାଟ ଶୋଭାଯାତ୍ରାରେ ସଦର ମହୋତ୍ସବ ନିକଟରେ ପହଞ୍ଚି ପ୍ରଭୁ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିଥିଲେ। ପରେ ସଭାମଞ୍ଚରେ ମା’ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।


ଯାଜପୁର ସଦର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ମହୋତ୍ସବ ୧୨ ବର୍ଷରେ ପଦାର୍ପଣ କରିଥିବା ସଭାପତି ବ୍ରଜକିଶୋର ପାଢ଼ୀ ପ୍ରକାଶ କରିଥିଲେ। ସଦର ମହୋତ୍ସବ ପାଇଁ ଏହି ଅଞ୍ଚଳ ଉତ୍ସବ ମୁଖରିତ ହୋଇଛି। ସୁସଜ୍ଜିତ ତୋରଣ ଓ ଆଲୋକମାଳାରେ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଛି। କର୍ତ୍ତାଭାବେ ମହେଶ୍ୱର ପାଢ଼ୀ ଓ ପଣ୍ଡିତ ସୀତାରାମ ପତି, ଇନ୍ଦ୍ରମଣି ପତି, ଅମିୟ ପତି ପୂଜା ପାଠ କାର୍ଯ୍ୟ ସମ୍ପାଦିତ କରିଥିଲେ।

ମୁଖ୍ୟଅତିଥି ନିଜ ଅଭିଭାଷଣରେ ଆଗାମୀ ଦିନରେ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ବଳବନ୍ତରାୟ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବାସହ ଏହା ଭାଇଚାରା ସମ୍ପର୍କ ବଜାୟ ରଖିବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବରୀ ବିଧାୟକ ଏହି ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ପରେ ଯାଜପୁର ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ବିଜୟ ପାଢୀ ଧନ୍ୟବାଦ ଦେଇଥିଲେ। ଚାନ୍ଦବାଲିର ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

# ଗୋରେଖନାଥ ପୀଠ: ସରୁନି ନିର୍ମାଣ କାର୍ଯ୍ୟ

ରଘୁନାଥପୁର,୧୭।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

- ଧାର୍ଯ୍ୟ ସମୟ ପରେ ୮ ମାସ ବିତିଲାଣି
- ଅନେକ କାର୍ଯ୍ୟ ଆରମ୍ଭ ହୋଇନି
- ଦେଢ଼କୋଟି ଟଙ୍କା ଅନୁଦାନ ମିଳିଛି

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ରାଜ୍ୟର ଏକ ଧାର୍ମିକସ୍ଥଳ ଭାବେ ଗୌରବ ମଣ୍ଡିତ କରେ। ଦୈନନ୍ଦିନ ଏଠାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ସେମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ପୀଠର ଉନ୍ନତୀକରଣ ପାଇଁ ତତ୍କାଳୀନ ସରକାର ଦେଢକୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ଆରଆଣ୍ଡବି ବିଭାଗ ଅଧୀନରେ ଗତ ନଭେମ୍ବର ୨୦୨୩ଠାରୁ ଠିକାଦାର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଏହା ମଧ୍ୟରେ ଭୋଗ, ଦୀପ ଓ ଫୁଲ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ କେବଳ ଶେଷ ହୋଇଛି। ଚଟାଣରେ ଟାଇଲ ପକା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେଥିମଧ୍ୟରୁ ଅନେକ ସ୍ଥାନରେ ଟାଇଲ ଭାଙ୍ଗିରୁଜି ଗଲାଣି। ପୀଠକୁ ଆସୁଥିବା ଯାତ୍ରୀମାନେ ଯାତାୟାତ ସମୟରେ ଭଗ୍ନ ଟାଇଲରେ ଝୁଣ୍ଟି କ୍ଷତାକ୍ତ ହେଉଥିବା ଦେଖାଯାଇଛି। ପୀଠ ମଧ୍ୟରେ ଡ୍ରେନେଜ, ଜାଆଁବାଳ ଗୃହ, ଜୋତାଷ୍ଟାଣ୍ଡ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ



ହୋଇ ନ ଥିବା ବେଳେ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ୧୨ ବଖରା ଘର ଦୀର୍ଘଦିନ ହେଲା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିବାହ ଋତୁ ଚାଲିଥିବାବେଳେ ପୀଠକୁ ବାହାଘର ପାଇଁ ଆସୁଥିବା ଲୋକେ ଘରଟିଏ ପାଇ ନ ପାରି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ପ୍ରଭୁଙ୍କ ଆୟରେ ମଧ୍ୟ କ୍ଷତି ଘଟୁଛି। ସେହିପରି ଗୁରୁଗାଦି ବାଉଣ୍ଡାରି ଓ ଗଣେଶ ମଣ୍ଡପ କାର୍ଯ୍ୟ ଅଧାରେ ଅଟକିଛି। ଉକ୍ତ କାର୍ଯ୍ୟଗୁଡ଼ିକ ମାର୍ଚ୍ଚ ୨୦୨୪ ମଧ୍ୟରେ ଶେଷହେବା ପାଇଁ ଚୁକ୍ତି ହୋଇଛି। ଏହା ମଧ୍ୟରେ ୮ ମାସ ବିତିଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷହେବା ତ ଦୂରର କଥା ଅଦ୍ୟାବଧି ଅନେକ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇନାହିଁ। ଫଳରେ ସମ୍ପୃକ୍ତ ବିଭାଗର ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜଇପୁର ସେକ୍ସନ ଯନ୍ତ୍ରୀ ବିନୟ କୁମାର ସାହୁ ଓ ଦାୟିତ୍ୱରେ ଥିବା ଫକୀରପଡା ଏସ୍‌ଡିଓ ରାଧାକାନ୍ତ ଭୂୟାଁ ନିଜର ଅସହାୟତା ପ୍ରକାଶ କରିଛନ୍ତି। ବାରମ୍ବାର କହିବା ସହ ପତ୍ର ଯୋଗେ ଅବଗତ କରିବା ସତ୍ତ୍ୱେ ଠିକାଦାର କଥା ଶୁଣୁ ନ ଥିବା ସେମାନେ କହିଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଠିକାଦାର ଏସବୁ କାର୍ଯ୍ୟ ଆରମ୍ଭ ନ କଲେ ତାଙ୍କ କାର୍ଯ୍ୟକୁ ସେଇଠି ସମାପ୍ତ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଭୂୟାଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ହୋଇଥିବା କାର୍ଯ୍ୟର ବିଲ୍ ମିଳି ନ ଥିବାରୁ କାର୍ଯ୍ୟକୁ ଆଗକୁ ନେଇ ପାରୁ ନ ଥିବା ଠିକାଦାର ଭ୍ରମରବର ବେହେରା କହିଛନ୍ତି। ଏସବୁ ଭିତରେ ପୀଠର ନିର୍ମାଣ କାର୍ଯ୍ୟରେ ଅବହେଳା କରାଯିବା ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ, ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ନିଆଁରେ ୨ ବଖରା ଜଳିଗଲା



ନାଉଗାଁ,୧୭।୧୨(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ତସହିଲ ଅନ୍ତର୍ଗତ ନନ୍ଦିଗ୍ରାମର ସଂଗ୍ରାମ ପରିଡାଙ୍କର ୨ ବଖରା ଚାଳ ଛପର ମଙ୍ଗଳବାର ପୋଡିଯାଇଛି। ତାଙ୍କ ପରିବାର ଲୋକେ ଘରେ ଥିବା ସମୟରେ ହଠାତ୍ ଏହି ଅଗ୍ନିକାଣ୍ଡ ହୋଇଥିଲା। ସଂଗ୍ରାମଙ୍କ ପରିବାର ଓ ଗାଁ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ନିଆଁରେ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ମୁଗ, ବିରି, ଧାନ ଆଦି ପୋଡ଼ିଯାଇଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଜାମୁଗାଁ ସର୍କଲ ରାଜସ୍ୱ ନିରୀକ୍ଷକ ଜ୍ୟୋତିଭୂଷଣ ବାରିକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ସଂଗ୍ରାମକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଶୁଭ୍ରସ୍ମିତି ପରିଡା, ସାମାଜିକ କର୍ମୀ ଦିଲୀପ ପାଢ଼ୀ, ଯୁବନେତା ତୁଷାର କୁଅଁର ପ୍ରମୁଖ ଦାବି କରିଛନ୍ତି।

# ଶିକ୍ଷାନୁଷ୍ଠାନ ଦକ୍ଷତା ବିକାଶର ଅନ୍ତୁଡ଼ିଶାଳ

## ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର, ୧୭।୧୨(ରାଜେନ୍ଦ୍ର ନାରାୟଣ ସିଂ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ବର୍ତ୍ତି ପାଟେଣିଗାଁ ସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ୪୦ତମ ଓଷ୍ଟା ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷାନୁଷ୍ଠାନ ଦକ୍ଷତା ବିକାଶର ଅନ୍ତୁଡ଼ିଶାଳ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଷ୍ଟାର ଜିଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ କଳା, କ୍ରୀଡା ଓ ସାଧାରଣ ଜ୍ଞାନ ପ୍ରତି ରୁଚି ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆର୍‌ସିସି ସୋନା ମହାନ୍ତି ଓ ପରିଚାଳନା କମିଟି ସଭାପତି ଚୁକୁନା ସେଠୀ ବକ୍ତବ୍ୟ ରଖିଥିଲେ। ଆୟୋଜିତ ଉତ୍ସବରେ ବ୍ଲକର ୨୩ ବିଦ୍ୟାଳୟର ୧୬୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ ସେମାନଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜକୁ ନେଇ ମୋଟ ୧୦ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ଉତ୍ସବକୁ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ଓଷ୍ଟା ବ୍ଲକ ସଭାପତି ଶରତ ଚନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାମଲ, ପ୍ରତାପ ମହାପାତ୍ର, ବିଜୟ ମହାନ୍ତି ଓ ସୁଦର୍ଶନ ପରିଡା ଉପସ୍ଥିତ ଥିଲେ। ଓଷ୍ଟାର ବ୍ଲକ ସମ୍ପାଦକ ରଞ୍ଜନ କୁମାର ମିଶ୍ର ବିବରଣୀ ପଠନ ସହ ସଭା ସଞ୍ଚାଳନ ଏବଂ ରାଜକିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୀଷା ମିଶ୍ର, ସ୍ମିତାରାଣୀ କୁଣ୍ଡୁ, ନିରୁପମା ରାଉତ, ଗାୟତ୍ରୀ ରାଉତ, ଲିପିମା ଚୌଧୁରୀ, ସସ୍ମିତା ଭୋଇ, ମିତାଲି ସଂଘମିତ୍ରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଶିଶୁ ପ୍ରତିଯୋଗୀମାନେ।

# ମୃତଦେହ ରଖି ପୋର୍ଟ ଗେଟ୍ ଆଗରେ ଧାରଣା



## ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ଠିକା ଶ୍ରମିକଙ୍କ ମୃତ୍ୟୁ

ପାରାଦୀପ,୧୭।୧୨(ଶରତ ରାଉତ)

ପାରାଦୀପ ବନ୍ଦର ୩ ନଂ. ଗେଟ୍ ଆଗରେ ମଙ୍ଗଳବାର ରାତି ୯ଟାରେ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ଗୁରୁତର ଠିକା ଶ୍ରମିକଙ୍କ ମୃତ୍ୟୁ ପରେ ସାଥୀ ଶ୍ରମିକ ଓ ଗାଁ ଲୋକେ ତାଙ୍କ ମୃତଦେହ ରଖି ଧାରଣା ଦେଇଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଧାରଣା ଜାରି ରହିଛି। ଘଟଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଧାରଣା ଯୋଗୁଁ ୩ ନଂ. ଗେଟ ପଟେ ଯାତାୟାତ ବନ୍ଦ ରହିଛି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ନବାଡିଆ ଗ୍ରାମର ସତ୍ୟସୁବ୍ରତ ଦଳାଇ। ସେ ଆଇଆର୍‌ପିସିଏଲ୍ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ରବିବାର ଭୋରୁ ପାରାଦୀପ ନିଷିଦ୍ଧାଞ୍ଚଳ ମଧ୍ୟରେ ଏକ ପଣ୍ୟ ବୋଝେଇ ଟ୍ରେନ୍ ଦଳାଇଙ୍କୁ ଧକ୍କା ଦେଇଥିଲା। ସାଥୀ ଶ୍ରମିକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ଦଳାଇଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ଶ୍ରମିକମାନେ କାମ ବନ୍ଦ କରି ଧାରଣା ଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

# ଡ୍ରଗ୍ସ ବିଭାଗ ପକ୍ଷରୁ ଔଷଧ ଦୋକାନ ଯାଞ୍ଚ

## ସିଲ୍ ହେଲାନି, ଅଧିକାରୀ ଫେରିଗଲେ

ପାରାଦୀପ,୧୭।୧୨(ଶରତ ରାଉତ)

ଜଗତ୍‌ସିଂହପୁର ଡ୍ରଗ୍ସ ବିଭାଗ ପକ୍ଷରୁ ମଙ୍ଗଳବାର ପାରାଦୀପ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ପାଖ କାଳୀ ମନ୍ଦିର ତଳେ ଥିବା ଦୁଇଟି ଔଷଧ ଦୋକାନ ଉପରେ ଚଢ଼ାଉ କରିଛି । ଏକ ୪ ଜଣିଆ ଟିମ୍ ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାଞ୍ଚ କରିବା ପରେ ଚୁପ୍‌ଚାପ୍ ଫେରି ଯାଇଛନ୍ତି। କାହିଁକି ଚଢ଼ାଉ ହେଉଛି, ଔଷଧ ଦୋକାନ ସିଲ ହେଲା କି ନାହିଁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ, ମାତ୍ର ଉକ୍ତ ଟିମ୍ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ । ସେମାନେ ଯିବା ପରେ ମଧ୍ୟ ପୂର୍ବ ଭଳି ଔଷଧ ଦୋକାନ ଖୋଲା ରହିଛି। ଘଟଣା ସମ୍ପର୍କରେ ସେହି କାଳୀ ମନ୍ଦିର ପାଖରେ ରହୁଥିବା ନଗେନ୍ଦ୍ର ରାଉତ କୁହନ୍ତି, ଏନେଇ ସେ ରାଜ୍ୟ ଡିସି (ଡ୍ରଗ୍ସ କଣ୍ଟ୍ରୋଲର)ଙ୍କ ନିକଟରେ ଅଭିଯୋଗ କରିଥିଲେ। କାରଣ ତାଙ୍କ ପୁଅ ଫାର୍ମାସୀ ପାଠ ଶେଷ କରିବା ପରେ ବି ଘରେ ବସିଛି। ସେହି କାଳୀ ମନ୍ଦିର ତଳ ୫ନଂ.ଘର ତାଙ୍କ ନାମରେ ଅଛି। ସେଠାରେ ଔଷଧ ଦୋକାନ କରିବା ପାଇଁ ବର୍ଷେ ହେଲା ଆବେଦନ କଲେଣି। ମାତ୍ର ତାଙ୍କୁ ଡ୍ରଗ୍ସ ଲାଇସେନ୍ସ ମିଳୁନାହିଁ। ବିଭାଗୀୟ ଅଧିକାରୀ ଦୋକାନ ଘର କାଗଜପତ୍ର ଠିକ୍ ନାହିଁ କହି ଫେରାଇ ଦେଉଛନ୍ତି। ସମାନ ଜାଗାରେ ଦୁଇଟି ଔଷଧ ଦୋକାନ ପାଇଁ ଲାଇସେନ୍ସ ମିଳୁଛି ଅଥଚ ତାଙ୍କୁ ମିଳୁନାହିଁ। ସେଥିପାଇଁ ରାଉତ ଅଭିଯୋଗ କରିଥିବା କହିଛନ୍ତି। ଏହି ଚଢ଼ାଉ ସମୟରେ ଜିଲା ଡ୍ରଗ୍ସ ଅଧିକାରିଣୀ ମନସ୍ୱିନୀ ବିଶ୍ୱାଳ, ଦୁଇଜଣ ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର, ମାଜିଷ୍ଟ୍ରେଟ ଭାବେ କୁଜଙ୍ଗ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ ଓ ପୋଲିସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପାରାଦୀପର ଅଧିକାଂଶ ଔଷଧ ଦୋକାନ ସରକାରୀ ଜାଗାରେ ଅଛି ଏବଂ ଅନେକଙ୍କ ଲାଇସେନ୍ସ ନ ଥିବା ଜଣାଯାଏ। ଏହାବାଦ ଏକାଧିକ ବସ୍ତି ଅଞ୍ଚଳରେ ୧୫ ରୁ ଅଧିକ କ୍ୱାକ୍ ସେଣ୍ଟର ରହିଛି।



ଦୋକାନକୁ ଯାଞ୍ଚ କରିବାକୁ ଆସିଥିବା ଡ୍ରଗ୍ସ ବିଭାଗ ଟିମ୍ ।

# ସୁସ୍ଥ ପଞ୍ଚାୟତ ଗଠନ ପାଇଁ ୯ ବିଧି ବ୍ୟବସ୍ଥା ସମ୍ପର୍କିତ ତାଲିମ

ରଘୁନାଥପୁର,୧୭।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ସଭା କକ୍ଷରେ ସୁସ୍ଥ ପଞ୍ଚାୟତ ଗଠନ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଗୁଆଳିପୁର, ସାଦେଇପୁର, ଛପଡ଼ା ଓ ଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ, ୱାର୍ଡସଭ୍ୟ ଅଙ୍ଗନୱାଡ଼ି କର୍ମୀ, ଏଏନଏମ୍, ଆଶା ଓ ସିଆର୍‌ପିମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ନୋଡାଲ ଅଫିସର ଏବିଡିଓ ଜ୍ଞାନଦା ନାୟକଙ୍କ ତତ୍ତ୍ୱାବଧାନରେ ଜିପିଓ ସ୍ମାରକ ମହାନ୍ତି ଓ ବିପିଏମ୍ ଲିପିକା ଷଡ଼ଙ୍ଗୀ ଟ୍ରେନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସୁସ୍ଥ ପଞ୍ଚାୟତ ଗଠନରେ ଗ୍ରାମପଞ୍ଚାୟତର ଭୂମିକା, ସ୍ୱଳ୍ପ ମୂଲ୍ୟ ଓ ବିନା ମୂଲ୍ୟରେ କାର୍ଯ୍ୟ, ସୁସ୍ଥ ଗ୍ରାମ ଗଠନ, ଦକ୍ଷତା ବୃଦ୍ଧି ଓ ଉତ୍ତମ ଅବସ୍ଥା ସୁନିଶ୍ଚିତ କରିବା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସମସ୍ତଙ୍କ ପାଇଁ ସୁସ୍ଥ ଜୀବନ, କିଶୋରୀ ବାଳିକା ଓ ମହିଳାଙ୍କ ରକ୍ତହୀନତା ଦୂର କରିବା, ଶୂନ୍ୟ ମାତୃ ହାର, ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ବିଶୁଦ୍ଧ ପାନୀୟଜଳ, ସ୍ୱାସ୍ଥ୍ୟ ଭିତ୍ତଭୂମି ଓ ଟେଲି ଔଷଧ, ଚିକିତ୍ସା ସୁବିଧା, ସୁସ୍ଥ ଜୀବନ ପାଇଁ ସ୍ୱାସ୍ଥ୍ୟ ଶିକ୍ଷା, ଟଟକା ପରିବା ଓ ଫଳ ପାଇଁ ପାକଶାଳା, ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଓ ରାସ୍ତାଘାଟ ଏବଂ ସଂଯୋଗୀକରଣ ସମ୍ପର୍କରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ତୃପ୍ତିଲତା ମହାନ୍ତି, ସିପି ସୁନୀଲ କୁମାର ମହାପାତ୍ର, ସହକାରୀ ଭବେଶ କୁମାର ବେହେରା ଓ ପିଇଓ ବିଭବ ଦାସଙ୍କ ସହ ସମସ୍ତ ସରପଞ୍ଚମାନେ ଉପସ୍ଥିତ ଥିଲେ।

# ଆୟୁଷ ଡାକ୍ତରଙ୍କୁ ନିୟମିତ କର, ନଚେତ୍ ୨୦ରୁ ଆନ୍ଦୋଳନ

## ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଜଗତ୍‌ସିଂହପୁର ଜିଲା ଶାଖାର ଚେତାବନୀ

ଜଗତ୍‌ସିଂହପୁର,୧୭।୧୨ (ପ୍ରମୋଦ ନାୟକ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ପ୍ରାୟ ୩ ହଜାର ଆୟୁଷ ଡାକ୍ତର ଦୀର୍ଘ ୨୪ ବର୍ଷରୁ ଅଧିକ ସମୟ ଧରି ଚୁକ୍ତି ଭିତ୍ତିରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଛନ୍ତି। କିନ୍ତୁ ଦୁଃଖର କଥା ହେଲା ସରକାର ଏ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନେଇ ରାଜ୍ୟ ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। କମିଟି ଆହ୍ୱାନକ୍ରମେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ କାର୍ଯ୍ୟରତ କୋ-ଲୋକେଟେଡ୍ ଏବଂ ଆର୍‌ବିଏସକେ ଆୟୁଷ ଡାକ୍ତରଙ୍କୁ ନେଇ ଗଠିତ ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବିପତ୍ର ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜେ. ସୋନାଲ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡା. ରଘୁନାଥ ନାୟକଙ୍କୁ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । କମିଟି ଜଗତ୍‌ସିଂହପୁର ଜିଲା ଶାଖା ସଭାପତି ଡା. ସମ୍ବିତ କୁମାର ଲେଙ୍କାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଶେଷକରି ଚାକିରିକୁ ନିୟମିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିସହ



ଜିଲାପାଳ ଜେ . ସୋନାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମାନ କାମକୁ ସମାନ ଦରମା, ୧୧ ମାସିଆ ଚୁକ୍ତିକୁ ଉଚ୍ଛେଦ, ଅବସରକାଳୀନ ରାଶି ପ୍ରଦାନ, ମୂଳ ଦରମାରେ ପିଆଇ ମିଶ୍ରଣ, ଦୁର୍ଘଟଣାରେ ଅକର୍ମଣ୍ୟ କିମ୍ବା ମୃତ୍ୟୁ ଘଟିଲେ ଆର୍ଥିକ କ୍ଷତିପୂରଣ ପ୍ରଦାନ, ଉଚ୍ଚଶିକ୍ଷା ପାଇଁ ଗଲେ ଶିକ୍ଷା ସମାପ୍ତ ପରେ ନିଜ ଚାକିରିରେ ପୁନଃ ସୁଯୋଗ, ସ୍ୱାସ୍ଥ୍ୟ ବୀମା, ନିୟମିତ ଆୟୁଷ ଔଷଧ ଯୋଗାଣ, ଆୟୁଷ ବିଭାଗକୁ ସମସ୍ତ ଆୟୁଷ ଡ଼ାକ୍ତରଙ୍କୁ ସ୍ଥାନାନ୍ତର ଆଦି ୧୦ ଦଫା ଦାବି ପୂରଣ ସମ୍ପର୍କରେ ଉଲ୍ଲେଖ ରହିଛି। ଡିସେମ୍ବର ୧୯ ସୁଦ୍ଧା ସରକାର ଏସବୁ ଦାବି ପୂରଣ ପାଇଁ ବିଚାର ନ କଲେ ୨୦ ତାରିଖରୁ ସଂଘ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ବଳଦେବ ସ୍ୱାଇଁ, ଡା. ସମୀର ସ୍ୱାଇଁ, ଡା. ଲୋକନାଥ ସାହୁ, ଡା. ଅମ୍ରିତା ପ୍ରିୟଦର୍ଶିନୀ, ଡା. ଇତିଶ୍ରୀ ଦାଶ, ଡା. ତୁଷାର ନନ୍ଦ, ଡା. ମାନସ ସାହୁ, ଡା. ବିଶ୍ୱଜିତ ଦାସ, ଡା. ଗାୟତ୍ରୀ ଜେନା ଏବଂ ଡା. ପ୍ରିୟଙ୍କା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# କର୍ମକୁ ସମ୍ବଳ କଲେ ପରିଚୟ ପାଇବେ ଯୁବପିଢ଼ି

ଜଗତ୍‌ସିଂହପୁର, ୧୭।୧୨
(ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିଥିବା ଯୁବତୀଯୁବକମାନେ।

## ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

କର୍ମ ହିଁ ଭଗବାନ। ଯୁବପିଢ଼ି କର୍ମକୁ ସମ୍ବଳ କଲେ ନିଜର ପରିଚୟ ପାଇପାରିବେ। ମଙ୍ଗଳବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଯୁବ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଏହା କହିଛନ୍ତି। ସେ କହିଥିଲେ, ଯୁବ ସମାଜ ଦେଶର ସମ୍ବଳ। ସେମାନଙ୍କର ବିକାଶ ହିଁ ଦେଶର ବିକାଶ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବଛେଟି, ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ମହିମା ସ୍କୁଲ ଅଫ ନର୍ସିଂର ନିର୍ଦ୍ଦେଶକ ଗଣେଶ୍ୱର ମାଣିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେମାନେ କହିଥିଲେ, ଯୁବ ଉତ୍ସବ ମାଧ୍ୟମରେ ଯୁବତୀ, ଯୁବକମାନଙ୍କ ପ୍ରତିଭାର ବିକାଶ ହୋଇପାରିବ। ସେମାନେ ଜିଲା, ରାଜ୍ୟ ଏପରି କି ଜାତୀୟସ୍ତରୀୟ ଯୁବ ଉତ୍ସବରେ କୃତିତ୍ୱ ଅର୍ଜନ କରି ଜଗତ୍‌ସିଂପୁର ଜିଲାକୁ ଗୌରବାନ୍ୱିତ କରିପାରିବେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ଯୁବପିଢ଼ିଙ୍କୁ ଦେଶର ଆଗାମୀ ଭବିଷ୍ୟତ ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ପିଲାମାନେ ପାଠ ବାଦ୍ ଅନ୍ୟ ବିଷୟରେ ମଧ୍ୟ ଉପଯୁକ୍ତ ଦକ୍ଷତା ପ୍ରତିପାଦିତ କରିବା ଉଚିତ। ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିତୋଳିବାକୁ ଉଦ୍ୟମ କରିବା ଜରୁରୀ ବୋଲି ଭୋଇ ପ୍ରକାଶ କରିଥିଲେ। ସଭାରେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପୌରୋହିତ୍ୟ କରି ସଫଳତାର କୌଣସି ଶଟକଟ୍ ରାସ୍ତା ନାହିଁ। ସଫଳତା ପାଇବାକୁ ହେଲେ ଏଲିଭେଟର ନୁହେଁ ବରଂ ଶିଡ଼ି ମାଧ୍ୟମରେ ଯିବାକୁ ଉଦ୍ୟମ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଉପସ୍ଥିତ ଯୁବ ପ୍ରତିଭାଙ୍କୁ ଜୀବନରେ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଏନ୍‌ଏସ୍‌ଏସ୍ ସଂଯୋଜକ ଜିତୁ ପ୍ରସାଦ ମଲ୍ଲିକ ଓ ବିଜୟିନୀ ପଡ଼ିଆରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍କୃତି ଭବନ ଓ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ବିଜ୍ଞାନ ମେଳା, ଲୋକନୃତ୍ୟ, ଲୋକଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଆଦି ବିଭାଗଗୁଡ଼ିକରେ ପ୍ରତିଯୋଗିତା ହୋଇଥିଲା। ଏହି ଯୁବ ଉତ୍ସବରେ ଜିଲାର ୧୫ରୁ ୨୯ ବର୍ଷୀୟ ଯୁବତୀଯୁବକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୬ ଜଣ ଏକକ ପ୍ରତିଯୋଗୀ ଓ ୨ ସାଂସ୍କୃତିକ ଦଳ ଜିଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ଓ ଗୋପାଳକୃଷ୍ଣ ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ସଂସ୍କୃତି ଅଧିକାରୀ ଜେନା ଧନ୍ୟବାଦ ଦେଇଥିଲେ।

## ବେନିୟମ ଗୋଚାଲାଣ ଧରିଲେ ଗ୍ରାମବାସୀ, ୩ ଗିରଫ

ଭଞ୍ଜନଗର,(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରୁ ଅନେକ ସମୟରେ ବେନିୟମ ଭାବେ ବିଭିନ୍ନ ଅଞ୍ଚଳକୁ ଗୋଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହିଭଳି ସ୍ଥିତିରେ ମଙ୍ଗଳବାର ସକାଳେ ଗୋଚାଲାଣ ବେଳେ ଅଞ୍ଚଳବାସୀ ଧରି ପୋଲିସ ଜିମା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି, ଭଞ୍ଜନଗର ଥାନା ଅନ୍ତର୍ଗତ ମଙ୍ଗଳପୁରରୁ ଏକ ଗାଡ଼ିରେ ଗୋ ଚାଲାଣ ହେଉଥିଲା। ଏନେଇ ଅଞ୍ଚଳବାସୀ ଜାଣିବା ପରେ ଗାଡିକୁ ଗ୍ରାମ ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ଗାଈ ଓ ବାଛୁରି ବେନିୟମ ଭାବେ ଚାଲାଣ ହେଉଥିବା ସନ୍ଦେହ କରି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ଗାଈ ଓ ବାଛୁରିକୁ ଗୋଶାଳାରେ ନେଇ ଛାଡିଥିଲା।



# ଧାନ ମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

## ୩୦ରୁ ଜିଲାର ବିଭିନ୍ନ ବ୍ଲକରେ ମଣ୍ଡିରେ ଧାନ କ୍ରୟହେବ: ଜିଲାପାଳ

ପାରଳାଖେମୁଣ୍ଡି,୧୭।୧୨(ଗିରିଧାରୀ ପରିଛା):



ଖରିଫ ସରି ରବି ଫସଲ ଆରମ୍ଭ ହେଲାଣି, ତଥାପି ଖରିଫ ଧାନ ବିକ୍ରି ପାଇଁ ଦ୍ୱନ୍ଦ୍ୱ ଲାଗିରହିଛି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ପାଇଁ ଧାନ ମଣ୍ଡି ଖୋଲିପାରିନି ଗଜପତି ଜିଲାରେ। ଚାଷୀର ଧାନଖଳା ରାସ୍ତାକଡରେ ମୁକୁଳା ପଡିଛି। ଆକାଶ ମେଘାଚ୍ଛନ୍ନ ହେଲେ ଚାଷୀ ମନରେ ଧାନ ଭିଜିଯିବାର ଆଶଙ୍କା ତାକୁ ସଙ୍କଟରେ ପକାଉଛି। ଡିସେମ୍ବର ସରିବାକୁ ଆଉ ଅଳ୍ପ କିଛିଦିନ ଥିଲେ ସୁଦ୍ଧା ଜିଲାରେ ଧାନମଣ୍ଡି ଖୋଲିବାକୁ ବିଭାଗୀୟ ଅଧିକାରୀମାନେ କୌଣସି ତତ୍ପରତା ଦେଖାଉନାହାନ୍ତି ବୋଲି ଚାଷୀ କେ. ସୁରି, କେ. ରାମରାଓ, କେ. ସୋମେସୁ, କେ. ଭାସ୍କର, ୟାଇ ମୁରଲୀ ପ୍ରମୁଖ ଅଭିଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିଲାଣି। ସେଠାରେ ଚାଷୀ ନିଜ ଧାନ ବିକ୍ରି କରୁଥିବା ବେଳେ ଗଜପତି ଜିଲାରେ ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲାଯାଇ ଏହାର ସୁଯୋଗ ନେବାକୁ ଆନ୍ଧ୍ରର ଧାନ ବ୍ୟବସାୟୀ ଚାଷୀଙ୍କଠାରୁ କମ ଦରରେ ଧାନ କିଣିବାକୁ ଗାଁ ଗାଁ ବୁଲିଲେଣି। ଅପରପକ୍ଷରେ ଗଜପତି ଜିଲା ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ କୌଣସି ମୁହୂର୍ତ୍ତରେ ବର୍ଷା, ବନ୍ୟା, ବାତ୍ୟା, ସାମୁଦ୍ରିକ ଝଡ ଆସିବାର ସମ୍ଭାବନାକୁ ଏଡାଯାଇ ନ ପାରେ। ଜିଲାରେ ଚଳିତବର୍ଷ ଆବଶ୍ୟକ ପରିମାଣର ବର୍ଷା ଅଭାବ ଯୋଗୁ ମରୁଡି ପରିସ୍ଥିତି ଉପୁଜିଥିଲା। ଯାହା ଧାନ ହେଲା ସେସବୁ ଅମଳ ସମୟରେ ବାତ୍ୟା ପ୍ରଭାବରେ ଧାନ ଫସଲ ସହ ମକା ଓ କପା ଫସଲ ମଧ୍ୟ ନଷ୍ଟ ହୋଇଗଲା। ବାତ୍ୟା ପୂର୍ବରୁ ଏବଂ ପରେ ଚାଷୀ ଯାହା ଧାନ ଅମଳ କରିଛନ୍ତି ସେସବୁ ବିକ୍ରି ପାଇଁ ଜିଲାରେ ମଣ୍ଡି ଖୋଲିନାହିଁ। ସରକାର ଚଳିତବର୍ଷ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଧାର୍ଯ୍ୟ କରିଥିବାରୁ ଚାଷୀମାନେ ଆନ୍ଧ୍ର ବ୍ୟବସାୟୀଙ୍କୁ କମ ଦରରେ ଧାନ ବିକ୍ରି ପାଇଁ ରାଜି ହେଉନାହାନ୍ତି। ଏପରି ସ୍ଥିତିରେ ଜିଲାରେ ଶୀଘ୍ର ମଣ୍ଡି ନ ଖୋଲିଲେ ଚାଷୀ ହତୋତ୍ସାହିତ ହୋଇ ଶେଷରେ ଆନ୍ଧ୍ର ବ୍ୟବସାୟୀଙ୍କୁ ଧାନ ବିକିବାକୁ ବାଧ୍ୟ ହେବେ ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଗଜପତି ଜିଲାପାଳ ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ, ଚଳିତ ମାସ ୩୦ ତାରିଖଠାରୁ ପର୍ଯ୍ୟାୟକ୍ରମେ ଜିଲାର ବିଭିନ୍ନ ବ୍ଲକରେ ଥିବା ମଣ୍ଡିଗୁଡିକରେ ଧାନ କ୍ରୟ କରାଯିବ। ଖରିଫ ଧାନ ପ୍ରକ୍ରିୟାକରଣ ଲାଗି ୨୦୨୪-୨୫ରେ ଜିଲାରେ ୪୫ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବ। ସେଥିରୁ ଗୋଷାଣୀ ବ୍ଲକରେ ୨୫ଟି, ଗୁମ୍ମା ବ୍ଲକରେ ୩ଟି, କାଶୀନଗର ବ୍ଲକରେ ୧୬ଟି ଏବଂ ରାୟଗଡ଼ ବ୍ଲକରେ ଗୋଟିଏ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ଛତ୍ରପୁରରେ ରାଜ୍ୟ ସ୍ୱାସ୍ଥ୍ୟ ନିରୀକ୍ଷଣ ଟିମ୍



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ଟିମ୍।

ଛତ୍ରପୁର,୧୭।୧୨ (ସନ୍ତୋଷ ପାଢୀ/ଦିଲୀପ ସାମଲ)

ବାଲେଶ୍ୱର ଜିଲାରୁ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ନିରୀକ୍ଷଣ ଟିମ୍ ମଙ୍ଗଳବାର ଗଞ୍ଜାମ ଜିଲା ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବିପୁଲିଙ୍ଗି ଉପ ସ୍ୱାସ୍ଥ୍ୟକେନ୍ଦ୍ର, ନୋଳିଆ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚମାଖଣ୍ଡି ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହା ସହିତ ଭିତ୍ତିଭୂମି ତଦାରଖ କରିବା ସହିତ ରୋଗୀଙ୍କ ରୋଗ ଚିହ୍ନଟ ଓ ନିରାକାରଣ ପ୍ରକ୍ରିୟା ଅନୁଧ୍ୟାନ କରିଛନ୍ତି। ଏହି ଟିମ୍‌ରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ତଥ୍ୟ ଅଧିକାରୀ ହରେକୃଷ୍ଣ ସାହୁ, ଏସ୍ଏନସିୟୁ ନିହାର ରଞ୍ଜନ ସାହୁ, ୟୁଡିଏମ୍ ରାଜ ଶେଖର ଘୋଷ, ସତ୍ୟ ନାରାୟଣ ବେହେରା, ସୁକାନ୍ତ ପ୍ରଧାନ, ହୃଷିକେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷିକ ଡାକ୍ତର ସ୍ୱାଧୀନ ରଥ, ବିପିଏମ୍ ସିମାଞ୍ଚଳ ପ୍ରଧାନ, ନୋଳିଆଗାଁ ସେକ୍ଟର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ଦୀପ ଗୌଡ଼, ଡାକ୍ତର ତପସ୍ୱିନୀ, ବିଡ଼ିଏମ୍ ଶିବାନୀ ସେନାପତି, ଚମାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କିରଣ ପଣ୍ଡା ଉପସ୍ଥିତ ଥିଲେ। ବୁଧବାର ଏହି ଟିମ୍ ସମସ୍ତ ତଥ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡାଙ୍କ ନିକଟରେ ସ୍ଥାପନ କରିବେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୧୭।୧୨ (ଅରୁଣ ସାହୁ)

ସଡ଼କ ଦୁର୍ଘଟଣାରେ କାର୍ଯ୍ୟରତ ହୋମଗାର୍ଡଙ୍କ ମୃତ୍ୟୁ। ସେ ହେଲେ ଦାରିଙ୍ଗବାଡ଼ି ଥାନା କିରିକୁଟି ପଞ୍ଚାୟତ ମୁଣ୍ଡନାଜୁ ଗ୍ରାମର ପୀତବାସ ପ୍ରଧାନ। ସୂଚନାଯୋଗ୍ୟ ସୋମବାର କୌଣସି କାର୍ଯ୍ୟରେ ପରିବାର ସହ ବାହାରକୁ ଯାଇଥିଲେ। ସିମନବାଡ଼ିଠାରୁ ପରିବାର ଲୋକଙ୍କୁ ଅଟୋରେ ପଠାଇ ସେ ବାଇକ ଯୋଗେ ଗାଁକୁ ଫେରୁଥିଲେ। ସେଇ ସମୟରେ ସ୍କୁଲ ସମ୍ମୁଖରେ ଗାଈ ସହ ଧକ୍କା ହୋଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ଉଦ୍ଧାର କରି ତାଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଦାରିଙ୍ଗବାଡ଼ି ପୋଲିସ ପୀତବାସଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଆଇଆଇସି ଅଶୋକ କୁମାର ହାଁସଦା କହିଛନ୍ତି।

### ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ପୋଲସରା,୧୭।୧୨(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ବ୍ଲକ ଛକ ନିକଟରେ 'ଦୁଃଖୀର ସାହାରା' ପକ୍ଷରୁ ଗରିବ ଅସହାୟ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ମଙ୍ଗଳବାର ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ପ୍ରତି ସୋମବାର ଏପରି ରନ୍ଧାଖାଦ୍ୟ ବଣ୍ଟନ କରାଯିବ ବୋଲି ଦୁଃଖୀର ସାହାରା ପକ୍ଷରୁ ସୂଚନା ମିଳିଛି। ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ଧନୁ ସାହୁ, ନିକୁ ମହାରଣା, ସନ୍ତୋଷ କୁମାର ସାହୁ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଭଗବାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ହରେଶ୍ୱର ମନ୍ଦିର ପରିସରରେ ରାମଚରିତ ମାନସ ପାଠ

ଶେରଗଡ଼,୧୭।୧୨(ସୂର୍ଯ୍ୟ ନାରାୟଣ ଦାଶ)-

ଶେରଗଡ଼ ନିକଟସ୍ଥ ରାମଗିରି ହରେଶ୍ୱର ମନ୍ଦିର ପରିସରରେ ବ୍ରାହ୍ମଣ ମହାସଂଘ ପକ୍ଷରୁ ରାମଚରିତ ମାନସ ପାଠ ସହ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ରାମ ଚରିତ ମାନସ ପାଠ କରାଯାଇଥିଲା। ସଂଘ ଆବାହକ ମନୋଜ ମିଶ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ରାହ୍ମଣ ସଭ୍ୟ ଓ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ମହାସଂଘ ପକ୍ଷରୁ ଏପରି କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ଧାର୍ମିକ ପୀଠରେ କରାଯାଉଛି।

### ଧରାକୋଟରେ ପ୍ରବଳ ଥଣ୍ଡା

ଧରାକୋଟ,୧୭।୧୨(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ଅଞ୍ଚଳରେ ତାପମାତ୍ରା ଦିନକୁ ଦିନ କମିବାରେ ଲାଗିଛି। ଫଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସନ୍ଧ୍ୟା ହେଲେ ଘରୁ ବାହାରିବା କଷ୍ଟକର ହେଉଛି। ଦୋକାନ ବଜାର ଜନଶୂନ୍ୟ ହୋଇପଡୁଛି। ସକାଳୁ ଘନ କୁହୁଡି ଯୋଗୁ ରାସ୍ତା ଘାଟ ଦେଖାଯାଉନି। ଗାଡିମୋଟର ଚଳାଇବାରେ ସମସ୍ୟା ଉପୁଜୁଛି। ଲୋକେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ତା' ଚାରିପଟେ ବସୁଥିବା ଦେଖିବାକୁ ମିଳୁଛି। ଧରାକୋଟ ଓ ଏହାର ଆଖ ପାଖ ଅଞ୍ଚଳରେ ଶୀତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

# ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ବୁଗୁଡା,୧୭।୧୨(କାଳିଚରଣ ଦାଶ)



ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଗଣ।

ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଏବିଇଓ ଅମିତା କୁମାରୀ ପାଢୀ, ସମ୍ମାନିତ ଅତିଥି ରୂପେ ଏବିଇଓ ତପସ୍ୱିନୀ ସାହୁ, ପିପୁଲ୍ଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳିଚରଣ ବେହେରା ଓ ଏମ୍ଆଇଏସ୍ ବି ଦୁର୍ଗା ପ୍ରସାଦ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟକୁ ସେମାନଙ୍କ ସାମଗ୍ରିକ ବିକାଶ କରି ଗୋଟିଏ ଗୋଟିଏ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ଏଲଇପି ଉତ୍କର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶ୍ରେଣୀରେ ବିଷୟଗୁଡିକ ପଢାଇବା ପୂର୍ବରୁ ଶିକ୍ଷାର୍ଥୀମାନେ କିପରି କାର୍ଯ୍ୟଫର୍ଦ ସଂପୂର୍ଣ୍ଣ କରିବେ, ଦୀକ୍ଷା ଆପ୍, ଆକାଂକ୍ଷା ପାଠ୍ୟକ୍ରମ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାସଲ ପ୍ରୟାସ, ପିଏମଶ୍ରୀ ଓ ଉତ୍କର୍ଷ କେନ୍ଦ୍ର, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଡିଜିଟାଲ ଆସେସମେଣ୍ଟ, ଡ୍ରପ୍ ଆଉଟ୍ ଶିକ୍ଷାର୍ଥୀଙ୍କ ପାଇଁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ଆଦି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୨୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଓ ଦେବହରି ଚୌଧୁରୀଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗ ହେମଙ୍କୁ ଟ୍ରାଇ ସାଇକେଲ ଦାବି

### ସହାୟତା କଲା ଗରିବର ବନ୍ଧୁ

ପୋଲସରା,୧୭।୧୨(ସୁବ୍ରତ ବେହେରା): ପୋଲସରା ବ୍ଲକ ବର୍ତ୍ତିନୀ ପଞ୍ଚାୟତର ଦିବ୍ୟାଙ୍ଗ ମହିଳା ହେମ ସାହୁ (୫୬)ଙ୍କର କେହି ନ ଥିବାରୁ ସେ ଦୀର୍ଘବର୍ଷ ହେଲା ଗାଁରେ ଏକା ରହୁଛନ୍ତି। ତାଙ୍କୁ ୫ କେଜି ଚାଉଳ ଓ ସରକାରୀ ଭତ୍ତା ମିଳୁଥିବା ବେଳେ ଦିବ୍ୟାଙ୍ଗ ହେତୁ ଯାତାୟାତରେ ଅସୁବିଧା ଦୂର ପାଇଁ ଟ୍ରାଇ ସାଇକେଲଟିଏ ଆବଶ୍ୟକ ଥିବା ନେଇ କହିଛନ୍ତି। ତାଙ୍କ ଚାଉଳ ପରିମାଣକୁ ବୃଦ୍ଧି କରିବା ସହ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଗରିବର ବନ୍ଧୁ, ଓଡ଼ିଶାର ସଭାପତି ସୁବ୍ରତ ବେହେରା ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ଗରିବର ବନ୍ଧୁର ସଦସ୍ୟ ତଥା ପୋଲସରା ବ୍ଲକ ସୋଡକ ସରପଞ୍ଚ ଉତ୍କଳ ପ୍ରଧାନ ହେମ ସାହୁଙ୍କୁ କମ୍ବଳ ପ୍ରଦାନ କରିବା ସହ ତାଙ୍କ ଗ୍ରାମକୁ ଅଟୋରେ ପଠାଇଥିଲେ। ଉକ୍ତ ସମୟରେ ଗରିବର ବନ୍ଧୁ ଓଡ଼ିଶାର ସଭାପତିଙ୍କ ସହ ଉପସଭାପତି ସତ୍ୟ ନାରାୟଣ ମହାରଣା, ସମ୍ପାଦକ ନାରାୟଣ ମହାରଣା, କୋଷାଧ୍ୟକ୍ଷ ବୁଲୁ ସାହୁ,ସଦସ୍ୟ ସରପଞ୍ଚ ଉତ୍କଳ ପ୍ରଧାନ, ସୀମାଞ୍ଚଳ ସାହୁ , ରବୀନ୍ଦ୍ର ଭଞ୍ଜଦେଓ, ସୁମନ ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ ।

ବେଲଗୁଣ୍ଠା,୧୭।୧୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷେତ୍ରିୟ ବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କ୍ରୀଡ଼ା ଉତ୍ସବରେ ସୋରଡ଼ା ବିଧାୟକ ନୀଳମଣି ବିଶୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଶାଲ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ବିଭାଗର ଉପସଭାପତି ସୁଶାନ୍ତ କୁମାର ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସହ-ଉପସଭାପତି ସୌମେନ୍ଦୁ ପଣ୍ଡା କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ଆଶୁତୋଷ ସ୍ୱାଇଁ ଏବଂ କାହ୍ନୁ ଚରଣ ବିଶୋଇ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଶୃଙ୍ଖଳିତ କ୍ରୀଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ ଏବଂ କ୍ଷେତ୍ରିୟ ବରପୁରସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ ଯଥାକ୍ରମେ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବିନା ନୋଟିସରେ ବିଦ୍ୟାଳୟ ବିଦ୍ୟୁତ୍ କାଟିଲେ କର୍ମଚାରୀ

## ୫ ଦିନ ହେଲା ଅନ୍ଧାରରେ ବିଦ୍ୟାଳୟ

ଶେରଗଡ଼,୧୭।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକରେ ଟାଟା ପାୱାର ମନମାନି ଚଳାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନ ଜଣାଇ କିମ୍ବା ନୋଟିସ୍ ନ ଦେଇ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ କାଟି ଦେଇଛି। ଏହି ବିଦ୍ୟାଳୟରେ ୭୦୦ରୁ ଅଧିକ ଛାତ୍ରୀଛାତ୍ର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି। ବିଦ୍ୟାଳୟରେ ୫ଟି କାର୍ଯ୍ୟକ୍ରମ ଚାଲିଛି। ବିଦ୍ୟାଳୟର ମାତ୍ର ୫୫ହଜାର ଟଙ୍କା ବଦ୍ୟୁତ୍ ବିଲ୍ ବାକି ଥିଲା। ତେବେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ନ କରି କର୍ତ୍ତୃପକ୍ଷଙ୍କୁ ନ ଜଣାଇ ବିଭାଗ ବିଦ୍ୟୁତ୍ ସଂଯୋଗ କାଟିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ କାଟ ଯୋଗୁ ୫ ଦିନ ହେଲା ବିଦ୍ୟାଳୟ ଅନ୍ଧାରରେ ରହିଛି। ବିଦ୍ୟୁତ୍ କାଟ୍ ହେତୁ ଛାତ୍ରୀଛାତ୍ରମାନେ ପାନୀୟ ଜଳ ପାଇପାରୁନାହାନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କହନ୍ତି, ବିଦ୍ୟାଳୟରେ ମିଟର ଥିବା ବେଳେ ବିଭାଗୀୟ କର୍ମଚାରୀ ଆସି ରିଡିଂ କରି ବିଲ୍ ଦେଉନାହାନ୍ତି। ଯେତେବେଳେ ବିଲ୍ ଦେଉଛନ୍ତି ବର୍ଦ୍ଧିତ ବିଲ୍ ଦେଉଛନ୍ତି। ମାସକୁ ମାସ ବିଲ୍ ଦେଉ ନ ଥିବାରୁ ଏକକାଳୀନ ଏତେ ଟଙ୍କାର ବିଲ୍ ଆସିଲେ ଦେବା କଷ୍ଟକର ହେଉଛି ଏବଂ କେଉଁ ମାସରେ କେତେ ବିଲ୍ ଉଠିଛି ତାହା ମଧ୍ୟ ଜଣାପଡୁନି। ବିଭାଗ ନିୟମିତ ରିଡିଂ କରି ବିଦ୍ୟୁତ୍ ବିଲ୍ ଦେଲେ ଅର୍ଥ ପୈଠରେ ଅସୁବିଧା ହୁଅନ୍ତା ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ଯନ୍ତ୍ରୀ ନବୀନ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ ଜାଣିନାହିଁ। କିଏ ଉପରୁ କାଟିଥିବେ। ତୁରନ୍ତ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ଲାଗି ଦାବି ହେଉଛି।

## ମୋବାଇଲ ଟାୱାର ନାହିଁ, ବିଭିନ୍ନ କାର୍ଯ୍ୟରେ ହେଉଛି ସମସ୍ୟା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଟାବରଡ଼ାବାସୀ

ପାରଳାଖେମୁଣ୍ଡି,୧୭।୧୨(ଗିରିଧାରୀ ପରିଛା)



ଗଜପତି ଜିଲା ନୂଆଗଡ ବ୍ଲକ ଅନ୍ତର୍ଗତ ଟାବରଡ଼ା ପଞ୍ଚାୟତ ବାରଡଙ୍ଗ ଗ୍ରାମର ଗ୍ରାମବାସୀ ପଞ୍ଚାୟତରେ ମୋବାଇଲ ଟାୱାର ନିର୍ମାଣ କରିବାକୁ ଦାବି କରିଛନ୍ତି। ଏନେଇ ସେମାନେ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବତନ ସରକାରଙ୍କ ସମୟରେ ଟାବରଡ଼ାରେ ଏକ ମୋବାଇଲ ଟାୱାର ନିର୍ମାଣ ପାଇଁ ଅନୁମୋଦିତ ଥିଲା। ଏହି ଟାୱାର ଏପର୍ଯ୍ୟନ୍ତ ବସିପାରିନାହିଁ। ଟାୱାର ନ ଥିବା ହେତୁ ବିଭିନ୍ନ କାର୍ଯ୍ୟରେ ଏବଂ ପିଲାଙ୍କ ପାଠପଢାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହି ପଞ୍ଚାୟତରେ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ମୋବାଇଲ ଟାୱାର ନ ଥିବାରୁ ନେଟ୍‌ୱର୍କ ସମସ୍ୟା ଯୋଗୁ କୌଣସି କାର୍ଯ୍ୟ ସୁବିଧାରେ ହୋଇପାରୁନାହିଁ। ଏହି ଅବସରରେ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଜନ୍ମ, ମୃତ୍ୟୁ ପଞ୍ଜୀକରଣରେ ଚଞ୍ଚକତା: କାର୍ଯ୍ୟାଳୟ ଘେରିଲା ଓକିଲ ସଂଘ

ଦାରିଙ୍ଗବାଡ଼ି,୧୭।୧୨ (ଅରୁଣ ସାହୁ)



ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ କରିଥିବା ଓକିଲମାନେ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଉତ୍କୋଚ ପାଇଁ ଚଞ୍ଚକତା କରାଯାଉଛି। ଏହାକୁ ନେଇ ମଙ୍ଗଳବାର ଦାରିଙ୍ଗବାଡ଼ି ଓକିଲ ସଂଘ ପକ୍ଷରୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ମିଳୁଥିବା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେଠାରେ କିଛି ସମୟ ପାଇଁ ଉତ୍ତେଜନା ମଧ୍ୟ ଦେଖାଦେଇଥିଲା। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିଙ୍କ ମନମୁଖି କାର୍ଯ୍ୟକଳାପ ସହ ଜନ୍ମ ପ୍ରମାଣପତ୍ର ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ନିଜେ ପ୍ରସ୍ତୁତ କରି ହିତାଧିକାରୀଙ୍କୁ ଅଧିକା ଟଙ୍କା ଦାବି କରିବା, ଯିଏ ଟଙ୍କା ଦେଲା ତା'ର ପ୍ରମାଣପତ୍ର ଶୀଘ୍ର ଯୋଗାଇଦେବା, ଯିଏ ଉତ୍କୋଚ ଦେଉନି ତାକୁ ବାରମ୍ବାର ଦୌଡ଼ାଇବା ଏବଂ ଦାରିଙ୍ଗବାଡ଼ିରେ କୋର୍ଟ ରହିଥିଲେ ବି ବାହାରୁ ନୋଟାରୀ ଡକ୍ୟୁମେଣ୍ଟ ଆଣି ଶପଥ ପାଠ କରି ଅର୍ଥ ରୋଜଗାର କରିବା ଭଳି ଅଭିଯୋଗ ସହ କିରାଣିଙ୍କୁ ଓକିଲମାନେ ତାଲା ପକାଇଥିଲେ। ଉତ୍ତେଜନା ଦେଖି ଘଟଣା ସ୍ଥଳରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜାକେଶ ସାମନ୍ତରାୟ ପହଞ୍ଚି ବୁଝାଶୁଝା କରି ଏହାର ତଦନ୍ତ ୧୫ ଦିନ ମଧ୍ୟରେ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏନେଇ ସଂଘର ବରିଷ୍ଠ ଓକିଲ ଉମେଶ କର, ସୁବର୍ଣ୍ଣ ବାଗସିଂ, ମନୋଜ କୁମାର ପଣ୍ଡା, ପ୍ରଦୀପ ବଳିୟାର ସିଂ, ଏଲିଆସ ମାଝୀ, ଇନ୍ଦ୍ରମଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ଏହାର କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ବିକ୍ଷୋଭ କରାଯିବ।

# ଟ୍ରାଫିକ୍ ନିୟନ୍ତ୍ରଣ ସହ ଗାଡ଼ିମୋଟର ଯାଞ୍ଚ କରାଯିବ: ଏସ୍‌ଡିପିଓ

ଦାରିଙ୍ଗବାଡ଼ି,୧୭।୧୨ (ଅରୁଣ ସାହୁ)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ପାଇଁ ଦାରିଙ୍ଗବାଡ଼ି ଏବେଠାରୁ ଚଳଚଞ୍ଚଳ ହୋଇଉଠିଲାଣି। ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଏହି ପର୍ବ ପାଳନ ପାଇଁ ନିଜ ଘରକୁ ସଜ୍ଜିତ କରିବା ସହ ନୂଆ ପୋଷାକ, ପିଠାପଣା ପାଇଁ ବିଭିନ୍ନ ସାମଗ୍ରୀ କିଣିବା ଆରମ୍ଭ ହେଲାଣି। ତେବେ ସାମ୍ପ୍ରଦାୟିକ ଶାନ୍ତି ସଦ୍‌ଭାବନାରେ ଏହି ପର୍ବ କିଭଳି ପାଳନ କରାଯାଇପାରିବ ସେନେଇ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଅପରାହ୍ନରେ ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡ଼ା ଏସ୍‌ଡିପିଓ କମଳ କୁମାର ପଣ୍ଡା, ବିଡିଓ ପ୍ରୀତିରଞ୍ଜନ ରଥ, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ବିଭିନ୍ନ ସମ୍ପ୍ରଦାୟ, ବଣିକ ସଂଘ, ହୋଟେଲ ସଂଘ, ଚର୍ଚ୍ଚର ପାଳକ, ଖ୍ରୀଷ୍ଟମାନେ ଯୋଗଦେଇଥିଲେ। ପାଳକ ସୁନୀଲ କୁମାର ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକ, ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁ, ଚର୍ଚ୍ଚ ଫାଦର ମୁକୁନ୍ଦ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଏହି ପର୍ବ ପାଳନ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସେହିପରି ଅଞ୍ଚଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇଛି। ମଦ୍ୟପଙ୍କ ଦ୍ରୁତଗତି ଗାଡ଼ି ଚାଳଣା ଓ ଅମାନିଆ ବାଇକ୍ ଚାଳକଙ୍କୁ ରୋକିବାକୁ ସ୍ଥାନୀୟ ଲୋକେ ପୋଲିସକୁ ନିବେଦନ କରିଥିଲେ। ଏହାକୁ ବାଲିଗୁଡ଼ା ଏସ୍‌ଡିପିଓ ଏବଂ ଆଇଆଇସି ଗୁରୁତର ସହ ନେଇ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କଇଁଛ ସଂରକ୍ଷଣ ଅଞ୍ଚଳରେ ମାଛଧରା ବାରଣ ନ କରିବାକୁ ଦାବି

ଛତ୍ରପୁର,୧୭।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):



ମତ୍ସ୍ୟଜୀବୀମାନେ ସ୍ମାରକପତ୍ର ଦେଇ ଫେରୁଛନ୍ତି ।

କଇଁଛ ସଂରକ୍ଷଣ ଅଞ୍ଚଳରେ ମାଛ ଧରିବାକୁ ଯିବା ସମୟରେ ଋଷିକୁଲ୍ୟା ମୁହାଣ ଅଞ୍ଚଳରେ ବାଧା ନ ସୃଷ୍ଟି କରିବା ପାଇଁ ଗଞ୍ଜାମ ଜିଲା ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନ ତରଫରୁ ଦାବି ହୋଇଛି। ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନ ସାଧାରଣ ସମ୍ପାଦକ କେ. ଏଲେୟାଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଋଷିକୁଲ୍ୟା ମୁହାଣ ଅଞ୍ଚଳକୁ ମାଛ ଧରିବାକୁ ଯିବା ସମୟରେ ବନବିଭାଗ ଅଟକାଇବା ଦ୍ୱାରା ଠିକ ସମୟରେ ମତ୍ସ୍ୟଜୀବୀମାନେ ମାଛ ଧରିବାରୁ ବଞ୍ଚିତ ହେଉଛନ୍ତି। କଇଁଛ ସୁରକ୍ଷା ସମୟରେ ପାରମ୍ପରିକ ମତ୍ସ୍ୟଜୀବୀ ମାଛ ଧରପାରିବେ ବୋଲି ସିଇସି ରିପୋର୍ଟରେ ଉଲ୍ଲେଖ ରହିଛି। ମତ୍ସ୍ୟଜୀବୀ ଯେଉଁ ଜାଲ ବ୍ୟବହାର କରୁଛନ୍ତି, ତାହା ଦ୍ୱାରା କଇଁଛମାନଙ୍କର କୌଣସି କ୍ଷତି ଘଟୁନାହିଁ । ଟିଂ ଜାଲକୁ ବର୍ତ୍ତମାନ ପରିବର୍ତ୍ତନ ହୋଇ ଶିଷା ଜାଲ ବା ପୁସୱାଲା ବୋଲି ନାମିତ କରାଯାଇଛି। ଏହି ଜାଲ ଦ୍ୱାରା କଇଁଛମାନଙ୍କର କୌଣସି କ୍ଷତି ଘଟୁନାହିଁ। ତେଣୁ ଏହି ଜାଲରେ ମାଛ ଧରିବା ପାଇଁ ଅନୁମତି ପ୍ରଦାନ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। କଇଁଛ ସୁରକ୍ଷା ପାଇଁ ଯେଉଁ ଅଞ୍ଚଳ ମାଛ ଧରିବା ପାଇଁ ନିଷେଧ କରାଯାଇଛି ଉକ୍ତ ଅଞ୍ଚଳରେ ମାଛ ଧରାଯାଉ ନାହିଁ, କିନ୍ତୁ କୌଣସି କାରଣବଶତଃ ସମୁଦ୍ର ସ୍ରୋତ ଯୋଗୁଁ ଜାଲଟି ନିଷେଧ ଅଞ୍ଚଳକୁ ଚାଲି ଆସିଲେ ସେହି ଡଙ୍ଗାଟିକୁ ଛାଡିଦେବାର ବ୍ୟବସ୍ଥା ଅଛି ବୋଲି କୁହାଯାଇଛି । ବର୍ତ୍ତମାନ କଇଁଛ ସୁରକ୍ଷା ସମୟରେ ସରକାର ଜୀବନ ଜୀବିକା ଯୋଜନା ପାଇଁ ସହାୟତା ରାଶି ୧୫,୦୦୦ ଟଙ୍କା ଯେଉଁ କ୍ଷତିପୂରଣ ଦେଉଛନ୍ତି ତାହା କେବଳ କେତେଜଣ ଲୋକଙ୍କୁ ଦିଆଯାଉଛି। ତାକୁ ସରକାରଙ୍କ ତରଫରୁ ସମସ୍ତ ୧୮ ବର୍ଷରୁ ୭୦ବର୍ଷ ବୟସ୍କ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ଉକ୍ତ ଯୋଜନାର ଅନ୍ତର୍ଭୁକ୍ତ କରି ଏହି ଯୋଜନାରେ ବିଧବା ମହିଳା, ମାଛ ବ୍ୟବସାୟୀ ଏବଂ ବ୍ୟବସାୟରେ ସହଯୋଗ କରୁଥିବା ମହିଳା ମାନଙ୍କୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶାଖା ସମ୍ପାଦକ ସିଏଚ. ବାବାଜୀ, ଆରେୟା, ସିଏଚ.ଚିନ୍ନେୟା,କେ. କାମେୟା, ବବ୍‌ଲୁ ସିମାଦ୍ରୀ ପ୍ରମୁଖ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା' ତାରିଣୀ ଯଜ୍ଞ ଉଦ୍‌ଯାପିତ

ବରୀ,୧୭।୧୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ବାଲିବିଲ ଗ୍ରାମରେ ଷଷ୍ଠ ବାର୍ଷିକ ତାରିଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଧେନୁପୂଜା, ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନରେ ତାରିଣୀ ପୀଠରେ ପୂଜାର୍ଚ୍ଚନା କରାଯିବା ସହିତ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ଦିବସରେ ବହୁ ସଂଖ୍ୟାର ମହିଳା ଓ ପୁରୁଷ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସ୍ମୃତିରଞ୍ଜନ ପଡ଼ିହାରୀ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦୁର୍ଯ୍ୟୋଧନ ପରିଡ଼ା, ପ୍ରଶାନ୍ତ ପଡ଼ିହାରୀ, ପ୍ରଶାନ୍ତ ନାଥ, ଶିବପ୍ରସାଦ ସାମଲ, ମନୋରଞ୍ଜନ ପଡ଼ିହାରୀ, ଅମିତ ପଡ଼ିହାରୀ, ଜଗବନ୍ଧୁ ପଡ଼ିହାରୀ, ଜୟନ୍ତ ସାମଲ, ତ୍ରିଲୋଚନ ପଡ଼ିହାରୀ, ପ୍ରଭାତ ପଡ଼ିହାରୀ, କୃଷ୍ଣଚନ୍ଦ୍ର ପଡ଼ିହାରୀ, ପ୍ରବୀର ସାମଲ, ଅଭିମନ୍ୟୁ କାଣ୍ଡି ଓ ଜଗବନ୍ଧୁ ସାମଲଙ୍କ ସମେତ ଗ୍ରାମର ଯୁବକମାନେ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏତଦ୍‌ବ୍ୟତୀତ ଯାତ୍ରା ପରିବେଷଣ କରାଯାଇଥିଲା।

### ବଡ଼ଚଣା ବିଜେଡି ଆବାହକ ହେଲେ ରାଜନାରାୟଣ

ଚଣ୍ଡିଖୋଲ,୧୭।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବିଜୁ ଜନତା ଦଳ(ବିଜେଡି)ର ଆବାହକଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ମଙ୍ଗଳବାର ଶଙ୍ଖ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ରାଜନାରାୟଣଙ୍କ ନାମ ଘୋଷଣା କରାଯାଇଥିଲା। ସଭ୍ୟ ସଂଗ୍ରହ ଅଭିଯାନ ଓ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକ ତାଙ୍କ ନେତୃତ୍ୱରେ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲା ପରିଷଦ ଉପସଭାପତି



ଗଣେଶ୍ୱର ବରାଳ, ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ନନ୍ଦ, ନିରଞ୍ଜନ ସେନାପତି ଓ ତାପସ ରାୟଙ୍କ ସମେତ ବଡ଼ଚଣା ବିଜେଡିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ବାଲିଚନ୍ଦ୍ରପୁର,୧୭।୧୨(ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ଅଣକା ପଞ୍ଚାୟତ ଭୁଲୁକା ଗ୍ରାମର କମ୍ୟୁନିଷ୍ଟ ନେତା କ୍ଷୀରୋଦ ଚନ୍ଦ୍ର ଜେନା(୯୪)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଯୁବକ ଅବସ୍ଥାରୁ କମ୍ୟୁନିଷ୍ଟ ଦଳର କାର୍ଯ୍ୟକର୍ତ୍ତା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କୁ ଏକ ପଟୁଆରରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଏଥିରେ ବାଲିଚନ୍ଦ୍ରପୁର ସରପଞ୍ଚ ଅମୀୟ ସାହାଣୀ, ସମରେନ୍ଦ୍ର ମହାପାତ୍ର, ବ୍ରଜ କିଶୋର ନାୟକ, ରମେଶ ଚନ୍ଦ୍ର ଜେନା, ହରିଶ ଚନ୍ଦ୍ର ଜେନା, ପ୍ରଭାକର ଜେନା, ନୃସିଂହ ଚନ୍ଦ୍ର ଜେନା, ଦୁଃଶାସନ ଜେନା, ପ୍ରମୋଦ ମହାନ୍ତି, ବାନାମ୍ବର ଲେଙ୍କା, ସର୍ବେଶ୍ୱର ମହାପାତ୍ର, ଗୟାଧର ମହାପାତ୍ର, ନିରଞ୍ଜନ ସ୍ୱାଇଁ, ବିଚିତ୍ରାନନ୍ଦ ସେନାପତି, ତ୍ରୈଲୋଚନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ କଳ୍ପତରୁ ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଓ ଅମର ମହାନ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଅଧାପନ୍ତରିଆ ରୂପାନ୍ତରୀକରଣ କାର୍ଯ୍ୟ



**ପ୍ରଶାସନ ଦୃଷ୍ଟି ଆଢୁଆଳରେ କୃଷ୍ଣ ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟ**



ବିଦ୍ୟାଳୟ କାର୍ଯ୍ୟ ପାଇଁ ରଖାଯାଇଥିବା ସାମଗ୍ରୀ ଓ ଲଗାଯାଇଥିବା ଫଳକ।

ଦଶରଥପୁର,୧୭।୧୨ (ସୁଶାନ୍ତ କୁମାର ବେହୁରିଆ): ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ କାଟିଆସ୍ଥିତ କୃଷ୍ଣ ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟ ସରକାରୀ ଦୃଷ୍ଟି ଆଢୁଆଳରେ ରହିଥିବା ଅଭିଯୋଗ ହୋଇଛି।

୧୯୭୮ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛି। ପୂର୍ବ ସରକାର ଏହି ବିଦ୍ୟାଳୟକୁ ୫-ଟି ଯୋଜନାରେ ରୂପାନ୍ତରୀକରଣ କରିବାକୁ ଆବଶ୍ୟକ ଅର୍ଥବରାଦ କରିଥିଲେ। ଏଥିରେ ଶ୍ରେଣୀଗୃହ ରୂପାନ୍ତୀକରଣ ନିମନ୍ତେ ୧୦ ଲକ୍ଷ, ବିଜ୍ଞାନାଗାର ନିମନ୍ତେ ୫ ଲକ୍ଷ, ଲାଇବ୍ରେରି ନିମନ୍ତେ ୫ ଲକ୍ଷ, ଶୌଚାଳୟ ନିମନ୍ତେ ୧୦ ଲକ୍ଷ, ଆଭ୍ୟନ୍ତରୀଣ ରାସ୍ତା ନିମନ୍ତେ ୮.୫ ଲକ୍ଷ, ପାଚେରି ନିର୍ମାଣ ନିମନ୍ତେ ୯.୫ ଲକ୍ଷ, ଶିଶୁ ଉଦ୍ୟାନ ନିମନ୍ତେ ୬ ଲକ୍ଷ ଏବଂ ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ୧୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଏହାବ୍ୟତୀତ କମ୍ପ୍ୟୁଟର ସମେତ ୨୦ ଲକ୍ଷ ଟଙ୍କାର ଅନ୍ୟାନ୍ୟ ଆସବାବ ପତ୍ର ମଧ୍ୟ ଯୋଗାଇ ଦିଆଯାଇଥିଲା। ଅନୁଦାନ ଯୋଗାଇଦେବାକୁ ଇତି ମଧ୍ୟରେ ୧ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ କେବଳ ଶେଣୀଗୃହ, ବିଜ୍ଞାନଗାରା ଓ ଲାଇବ୍ରେରି ବ୍ୟାତିତ ଅନ୍ୟ କୌଣସି କାର୍ଯ୍ୟ ସମାପ୍ତ ହୋଇନାହିଁ। ଶୌଚାଳୟ, ଆଭ୍ୟନ୍ତରୀଣ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଥିବାବେଳେ ପାଚେରି, ଶିଶୁ ଉଦ୍ୟାନ ଓ ପାନୀୟ ଜଳ ଯୋଗାଣ ନିମନ୍ତେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ବିଦ୍ୟାଳୟରେ ପାଠପଢୁଥିବା ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାନା ସମସ୍ୟାରେ ସମ୍ମୁଖୀନ ହେଉଥିବା ଦେଖାଯାଇଛି। ହାଇସ୍କୁଲ ବ୍ୟତୀତ ଏହି ବିଦ୍ୟାଳୟ ପରିସରରେ ଅପର ପ୍ରାଇମେରି ବିଦ୍ୟାଳୟ ମଧ୍ୟ ରହିଛି। ଯେଉଁଥିରେ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେଣୁ ପିଲାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ବିଦ୍ୟାଳୟରେ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

ବିଦ୍ୟାଳୟର ଏଭଳି ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟ ଯୋଗୁ ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟ ପରିସର ଜଳମଗ୍ନ ହୋଇ ପଡୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାପାଇଁ ସେ ଦାବି କରିଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ପେମେଣ୍ଟ ସମସ୍ୟା ଯୋଗୁ କାର୍ଯ୍ୟ ବିଳମ୍ବ ହୋଇଥିଲା। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ସମାପ୍ତ କରାଯିବ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଧର୍ମଶାଳା,୧୭।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ହାଇସ୍କୁଲ ପରିସରରେ ବିକ୍ରମାଦିତ୍ୟ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଗ୍ରନ୍ଥକାର ଡ. ପୁରୁଷୋତ୍ତମ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଡ. ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ହରିହର ରଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କଠିନ ପରିଶ୍ରମ ଦ୍ୱାରା ଛାତ୍ରୀଛାତ୍ର ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ଖବରଦାତା ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଫାଉଣ୍ଡେଶନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଆଦର୍ଶ ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କାଦ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ କବି ସୁଶ୍ରୀ କଳ୍ପନା ପଣ୍ଡା ଓ ଦେବାଶିଷ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ 'ଶିକ୍ଷାର ବିକାଶରେ ରାଷ୍ଟ୍ରର ବିକାଶ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ପ୍ରିୟଦର୍ଶିନୀ ଜେନା ଓ ପ୍ରଜ୍ଞା ଜେନା ଆଲୋଚନାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସୂର୍ଯ୍ୟସେନ ଦାସମହାପାତ୍ର, ସୋମ୍ୟରଞ୍ଜନ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ, ସ୍ୱର୍ଣ୍ଣଲକ୍ଷ୍ମୀ ସାହୁ ଓ ସାଇ ସ୍ୱରୁପ ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ସ୍ମିତାରାଣୀ ମହାପାତ୍ର ବିବରଣୀ ପାଠ କରିଥିଲେ। ଛାତ୍ରୀ ପ୍ରଜ୍ଞା ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।



ବିକ୍ରମାଦିତ୍ୟ ଫାଉଣ୍ଡେଶନ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# ଏମ୍‌ବିକେଙ୍କୁ ଲାପ୍‌ଟପ୍ ବଣ୍ଟନ




ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କାଳିଆପାଣି,୧୭।୧୨(ଅସିତ ମହାନ୍ତ): ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଶନ ଶକ୍ତି ବ୍ଲକ୍ ଲେବଲ ଫେଡେରେସନ(ବିଏଲ୍‌ଏଫ୍) ପକ୍ଷରୁ ଏମବିକେମାନଙ୍କୁ ଲାପଟପ୍ ଓ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଋଣ ପ୍ରଦାନ କରାଯାଇଛି। ସୁକିନ୍ଦା ବ୍ଲକ୍ ଲେବଲ ଫେଡେରେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୩ ପଞ୍ଚାୟତର ଏମବିକେଙ୍କୁ ଲାପଟପ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀଙ୍କ ଦ୍ୱାରା ସୁକିନ୍ଦା ବିଏଲଏଫ୍ ପକ୍ଷରୁ ୨୫ ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ବିଏଲ୍‌ଏଫ୍‌ର ସଭାନେତ୍ରୀ ରଶ୍ମିତା ଭଟ୍ଟାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ରେଶମା ଟେଟେ, ସୁକିନ୍ଦା ସିଡିପିଓ ସୁଜାତା ମହାପାତ୍ର, ହରିପୁର ସରପଞ୍ଚ ଶର୍ମିଷ୍ଠା ବରାଳ, ଅତା ସରପଞ୍ଚ ଇତିଶ୍ରୀ ପଟ୍ଟନାୟକ, ଦୁଧୁଯୋରୀ ସରପଞ୍ଚ ସିପ୍ରାରାଣୀ ବରାଳ, ସଂସାଇଲୋ ସରପଞ୍ଚ ମମିଶ୍ରୀ ଟିୟୁ, ଲେମଣ୍ଢେ ସମିତିସଭ୍ୟା ତପସ୍ୱିନୀ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଡିଓ ଏବଂ ସିଡିପିଓ ମହିଳା ସଶକ୍ତୀକରଣ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁକିନ୍ଦା ପ୍ରେସ କ୍ଲବକୁ ବିଏଲଏଫ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ କ୍ଲବ ସଭାପତି ବିଶ୍ୱଜିତ ନାୟକ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସେହିପରି ବର୍ତ୍ତଣ୍ଡା ମହାସଂଘ, ଆରାଧନା ମହାସଂଘକୁ ବିଏଲ୍‌ଏଫ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଶନ ଶକ୍ତି ବିଏଲ୍‌ଏଫ୍‌ର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ୫ଜଣ ସିଆରପିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକିନ୍ଦା ଅଙ୍ଗନୱାଡି ଆସୋସିଏଶନର କର୍ମକର୍ତ୍ତା ମନ୍ତ୍ରୀ ବଳସାମନ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଯୁବକଙ୍କ ମୃତଦେହ ଜବତ

ଦଶରଥପୁର,୧୭।୧୨ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ଥାନା ଅନ୍ତର୍ଗତ ଜୟନ୍ତରା ପଞ୍ଚାୟତର ଗୌରାଙ୍ଗପୁର ଘାଟ ନିକଟ ବୈତରଣୀ ନଦୀ ବାଲିରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଯୁବକ ଜଣକ କଳାରଙ୍ଗର ଫୁଲ ପ୍ୟାଣ୍ଟ, ନାଳି ବ୍ୟାନିୟନ(ସୁଇଟର) ସହିତ ହାତରେ ଜୋତା ଧରି ନଦୀ ବାଲିରେ ମୁହଁମାଡ଼ି ପଡ଼ିଥିଲେ। ମୃତ ଯୁବକଙ୍କ ବୟସ ଆନୁମାନିକ ୪୦ରୁ୪୫ ବର୍ଷ ହେବ। ସ୍ଥାନୀୟ ଲୋକେ ନଦୀକୁ ଶୌଚ ହେବା ପାଇଁ ଯାଇଥିବାବେଳେ ମୃତଦେହ ଦେଖି ଜୟନ୍ତରା ସରପଞ୍ଚଙ୍କୁ ଜଣାଇଥିଲେ। ସେ ଦଶରଥପୁର ପୋଲିସକୁ ଖବର ଦେଇଥିଲେ। ମାତ୍ର ଘଟଣାଟି ଧାମନଗର ଥାନା ଅଞ୍ଚଳରେ ହୋଇଥିବାରୁ ଧାମନଗର ପୋଲିସକୁ ସୂଚନା ଦିଆଯାଇଥିଲା। ଧାମନଗର ଥାନା ଅଧିକାରୀ ଫନିଭୂଷଣ ନାୟକ, ଏସ୍‌ଆଇ ପ୍ରଦୀପ ନାୟକ, ଏଏସ୍‌ଆଇ ନେପାଳ ଶାହାଙ୍କ ସମେତ ଧାମନଗର ତହସିଲଦାର ଦୀପକ ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୩୫/୨୪ ରୁଜୁ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଅସହାୟ ଶରତଙ୍କୁ ସହାୟତା

ବିଞ୍ଝାରପୁର,୧୭।୧୨(ଗାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତ ବ୍ରାହ୍ମଣୀଗାଁ ଗ୍ରାମର ଅସହାୟ ଶରତ ସେଠୀ(୫୪)ଙ୍କୁ ସହାୟତାର ହାତ ବଢ଼ାଇଛି ହେଲ୍ପ ଫର ପିପୁଲ ଗ୍ରୁପ୍। ଶରତଙ୍କ କିଛିଦିନ ତଳେ ଦୁର୍ଘଟଣାରେ ବାମ ଗୋଡ ଭାଙ୍ଗି ଯାଇଥିଲା। ତାଙ୍କର ଆର୍ଥିକ ସ୍ଥିତି ଖରାପ ଥିବାରୁ ତାଙ୍କୁ ଗ୍ରୁପ ତରଫରୁ ୪ ହଜାର ଟଙ୍କା ଓ ଶ୍ରୀଗିରିଧାରୀ ଜୀଉ ହେଲ୍ପ ଗ୍ରୁପ ପକ୍ଷରୁ ୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ଗ୍ରୁପ ସଦସ୍ୟ ଅନନ୍ତ ସ୍ୱାଇଁ, ପବିତ୍ର ସ୍ୱାଇଁ, କୁମାର ଜିନୁ, ଶିବମ, ସୁଶିଲ ସ୍ୱାଇଁ, ବ୍ରହ୍ମାନନ୍ଦ ଜେନା, ମନୋରଞ୍ଜନ ବେହୁରିଆ ପ୍ରମୁଖ ଶରତଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।



ଅସହାୟ ଶରତ ସେଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# କୋଇଲା ବୋଝେଇ ଟ୍ରକ୍ ଜବତ, ୨ ଅଟକ

ପାଣିକୋଇଲି,୧୭।୧୨(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକକୁ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ପାଣିକୋଇଲି ଥାନା ଏସ୍‌ଆଇ ପ୍ରକାଶ ପ୍ରଧାନ ସଦଳବଳ ପାଟ୍ରୋଲିଂ କରୁଥିବାବେଳେ ପଥରପଦା ପଞ୍ଚାୟତ ବଡ଼ବରୁଣାଇପଦାଠାରେ ଥିବା ଭାଗବତ କୋଲ ଡିପୋରେ ଏକ ଟ୍ରକ ଥିବା ଦେଖିବାକୁ ପାଇଥିଲେ। ସେଠାରେ ଯାଇ ପଚରାଉଚରା କରିବାରୁ ସେମାନଙ୍କ କଥାରେ କୌଣସି ତାଳମେଳ ନ ଥିଲା। ଫଳରେ ଉକ୍ତ ଟ୍ରକ୍‌କୁ ପୋଲିସ ଥାନାକୁ ଆଣିବା ସହ ଚାଳକ ଓ ଖଲାସିଙ୍କୁ ଅଟକ ରଖିଥିଲା। ଟ୍ରାଂଜିଟ ପାସ ନେଇ ସନ୍ଦେହ ହେବାରୁ ଖଣିବିଭାଗକୁ ତଦନ୍ତ କରିବାକୁ ଚିଠି ଦ୍ୱାରା ଜଣାଯାଇଥିବା ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ବାଲିପଡ଼ିଆରେ ଗୀତାଯଜ୍ଞ

ବାଲିଚନ୍ଦ୍ରପୁର,୧୭।୧୨(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଢୀଜାଗୁଳାଇ ପୀଠ ପରିସରରେ ତ୍ରୟୋଦଶତମ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଭାକର ଉଦଗାତା, ବୀର କିଶୋର ଦାଶ, ସୁନୀଲ ନନ୍ଦ, ତପନ ପାଢୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରକାଶ ଚନ୍ଦ୍ର ଦାଶ ସପତ୍ନୀଙ୍କ କର୍ତ୍ତା ଭାବେ ଯୋଗଦେଇଥିଲେ। ପ୍ରାତଃ କାଳରୁ ଯଥା ରତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ସମାପ୍ତ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ମା'ବୁଢୀଜାଗୁଳାଇ କମିଟି ଓ ଜଗନ୍ନାଥ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



# ପାନୀୟଜଳ, ପରିମଳ, ସୁରକ୍ଷା ଉପରେ ଗୁରୁତ୍ୱ

**ବରୁଣେଶ୍ୱର ମେଳା ପାଇଁ ପ୍ରସ୍ତୁତି ବୈଠକ**

- ଆସିଲେନି ଜିଲାସ୍ତରୀୟ ଅଧିକାରୀ

ବିଞ୍ଝାରପୁର,୧୭।୧୨(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା ବରୁଣେଶ୍ୱରଙ୍କ ପୀଠରେ ଜାନୁଆରୀ ୧୪ ମକର ସଂକ୍ରାନ୍ତିଠାରୁ ବରୁଣେଶ୍ୱର ମକର ମେଳା ଆରମ୍ଭ ହେବ। ଏନେଇ ମଙ୍ଗଳବାର ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ମେଳାକୁ ସରସ ସୁନ୍ଦର କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ମେଳା ସମୟରେ ମୁଖ୍ୟତଃ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପାନୀୟ ଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମେଳା ପଡ଼ିଆକୁ ସଂଯୋଗ କରୁଥିବା ମଇଁଦା, ଯୋଇଁମରା, ପଇରଖ, ଚିକଣା, ଅରେଇ ମେଳା ପଡିଆ ଆଦି ରାସ୍ତାଗୁଡ଼ିକ ମରାମତି କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷ ମେଳା ୯ ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିବା ନେଇ ଅନୁମାନ କରାଯାଉଛି। ଫଳରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡି କରାଯିବ ବୋଲି ଜଣାପଡ଼ିଛି। ଏହାସହିତ ମକର ମିଳନ, ଯୁଥ ଫୋରମ, ଅଖିଳଚକ୍ର, ବରୁଣେଶ୍ୱର ମହୋତ୍ସବ, ଯାତ୍ରା ଆଦି ପରିବେଷଣ କାର୍ଯ୍ୟକ୍ରମ ରହିଛି।

ବୈଠକରେ ବିଡିଓ ହିତାଂଶୁ ସାମଲ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ଥାନା ଅଧିକାରୀ ବାମଦେବ ନନ୍ଦ, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ଯୁବ ସମାଜସେବୀ କୈଳାସ ସେଠୀ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ସଭ୍ୟା ଲଭଲି ରାଣୀ ନାୟକ, ସମାଜସେବୀ ରବୀନ୍ଦ୍ର ପରିଡ଼ା, ଚିକଣା ସରପଞ୍ଚ ପାର୍ବତୀ ମଲ୍ଲିକ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ହେମେନ୍ଦ୍ର କୁମାର ସାମଲ, ବଟକୃଷ୍ଣ ନାୟକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ନାୟକ, ସ୍ୱର୍ଣ୍ଣଲତା ସାମଲ, ପ୍ରିୟତମା ବେହୁରିଆ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ଶୁଭାଙ୍ଗୀ ରାୟ, ବିଦ୍ୟୁତ୍ ବିଭାଗର ସରୋଜ କୁମାର ବେହୁରିଆ, ପୂର୍ବତନ ସମିତି ସଭ୍ୟ ସମୀର ଜେନା ଓ ଧ୍ରୁବ ସେଠୀ ପ୍ରମୁଖ ଯୋଗଦେଇଥିଲେ। ତେବେ ବୈଠକକୁ କୌଣସି ଜିଲାସ୍ତରୀୟ ଅଧିକାରୀ ଆସି ନ ଥିବାରୁ ସେମାନେ ମେଳାକୁ ଅଣଦେଖା କରୁଥିବା ସାଧାରଣରେ ଆଲୋଚନା ହେଉଛି।




ବରୁଣେଶ୍ୱର ମେଳା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀମାନେ।

# ଜାଲ୍ ସାର୍ଟିଫିକେଟ୍ ବଳରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି

■ ବାଦ୍ ପଡ଼ିଲେ ଯୋଗ୍ୟ ହିତାଧିକାରୀ
■ ଜିଲାପାଳଙ୍କୁ ଫେରାଦ ହେଲେ ଯୋଗ୍ୟ ପ୍ରାର୍ଥିନୀ

ରାଜକନିକା, ୧୭।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଏବେ ଆଉ ଏକ ବିବାଦରେ ଛନ୍ଦି ହୋଇପଡିଛି। ଖବରରୁ ଜଣାଯାଏ, ଜଣେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଜଣେ ପ୍ରାର୍ଥିନୀଙ୍କ ଜାଲ୍ ସାର୍ଟିଫିକେଟ ବଳରେ ନିଯୁକ୍ତି ପାଇଛନ୍ତି। ସେ କିପରି ନିଯୁକ୍ତି ପାଇଲେ, ତାଙ୍କୁ କିଏ ନିଯୁକ୍ତି ଦେଲା ତାକୁ ପ୍ରଶ୍ନବାଚୀ ଛିଡ଼ା କରିଛନ୍ତି ଅନ୍ୟ ଜଣେ ପ୍ରାର୍ଥିନୀ। ସୋମବାର ବାଘବୁଦା ପଞ୍ଚାୟତ ପରିସରରେ ଅନୁଷ୍ଠିତ ରାଜକନିକା ବ୍ଲକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଲିଖିତ ଅଭିଯୋଗ ସ୍ମୃତିରେଖା ସାମଲ ଗୁହାରୀ କରିଛନ୍ତି।

ସୂଚନାଯୋଗ୍ୟ, ଓଳାଭର ପଞ୍ଚାୟତର ୧୪ ନମ୍ବର ୱାର୍ଡର ସ୍ମୃତିରେଖା ସାମଲ ଅଭିଯୋଗରେ ଦର୍ଶାଇଛନ୍ତି, ଦେଉଳସାହି ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଭାବେ ନିଯୁକ୍ତି ପାଇଥିବା ସ୍ମିତାରାଣୀ ପରିଡାଙ୍କ ସାଟିଫିକେଟ ଜାଲ ବା ଅବୈଧ ବୋଲି ପୋର୍ଟାଲରୁ ଜଣାପଡିଛି। ପ୍ରାର୍ଥିନୀ ସବୁ ଜାଣି ଅନ୍ୟ ଜଣକ ସାଟିଫିକେଟକୁ ଏଡିଟ୍ କରି ନିଯୁକ୍ତି ପାଇଥିବା ଅଭିଯୋଗ କରିଛନ୍ତି। ପ୍ରଥମତଃ ସାଟିଫିକେଟକୁ ଏଡିଟ୍ କରିବା ଅପରାଧ ଅଟେ। ତେବେ ଏହି ପଦବୀ ପାଇଁ ୧୧ଜଣ ପ୍ରାର୍ଥିନୀ ଆବେଦନ କରିଥିବା ହେଁ ସ୍ମୃତିରେଖାଙ୍କର ସର୍ବାଧିକ ମାର୍କ ଥାଇ ବି ତାଙ୍କୁ ଉପେକ୍ଷା କରାଯାଇଛି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏମିତିକି ନିଯୁକ୍ତି ପାଇଥିବା ସ୍ମିତାରାଣୀ ପ୍ରକୃତରେ ଯୁକ୍ତ ୨ର ମାର୍କ ୨୫୪ ନମ୍ବର ଥିବାବେଳେ, ଦାଖଲ କରାଯାଇଥିବା ମାର୍କ ହେଉଛି ୪୬୯ ନମ୍ବର, ଯାହାକି ଦୁଇଟି ମାର୍କ ମଧ୍ୟରେ ତାଳମେଳ ରହୁନାହିଁ। ଏଠି ପ୍ରଶ୍ନ, ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀ ଜାଣିଶୁଣି ନିଯୁକ୍ତି ଦେଇଛନ୍ତି ନା' ଅଜଣାତରେ ଏପରି ଭୁଲ୍ କରିଛନ୍ତି। ତେବେ ଭୁଲ୍ ଯାହାବି ଥାଉ ଆଇନ୍ ସମସ୍ତଙ୍କ ପାଇଁ ସମାନ। ଭୁଲ୍ କରିଥିବା ଉଭୟଙ୍କୁ ଆଇନତଃ ଦଣ୍ଡ ମିଳିବା ଉଚିତ। ହେଲେ ଯୋଗ୍ୟ ପ୍ରାର୍ଥିନୀ ନିଯୁକ୍ତିରୁ ବଞ୍ଚିତ ହେବା ଦ୍ୱାରା ମାନସିକ ସ୍ତରରେ ଆଘାତ ପାଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଆଇନକୁ ହାତକୁ ନେବା ଅଭିଯୋଗରେ ଉଭୟ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ମୃତିରେଖା ନିବେଦନ କରିଛନ୍ତି। ଅପରପକ୍ଷରେ ଜିଲାପାଳ ପ୍ରଧାନ ଏପରି ଏକ ସ୍ପର୍ଶକାତର ଅଭିଯୋଗ ପାଇବା ପରେ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଧାର ସେବା ଶିବିର

କେନ୍ଦ୍ରାପଡ଼ା,୧୭।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଧାର ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶାନୁଯାୟୀ ଓ ପ୍ରାଧିକରଣର ସଚିବ ସୁମିତ୍ରା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା କୋର୍ଟ ପରିସରରେ ଅୟୋଜିତ କାର୍ଯ୍ୟକ୍ରମରେ ବ୍ୟସ୍ତବହୁଳ ଜୀବନଶୈଳୀରେ କାଳାତିପାତ କରୁଥିବା କର୍ମଚାରୀ ଏବଂ ଆଇନଜୀବୀ, ସାଧାରଣ ଜନତା ଏହା ମାଧ୍ୟମରେ ନିଜ ନିଜର ଆଧାର କାର୍ଡରେ ଥିବା ତ୍ରୁଟିକୁ ଅତି ସହଜରେ ସଂଶୋଧନ କରିବା ସୁଯୋଗ ନେଇଥିଲେ। ଏଭଳି ଉଲ୍ଲେଖନୀୟ କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

# ଜିଲାପାଳଙ୍କ ଗାଡ଼ି ସମ୍ମୁଖରେ ଶୋଇ ଗୁହାରିକଲେ ଚାଷୀ




ରାଜକନିକା,୧୭।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ପେଗରପଡ଼ା, ନରସିଂହପୁର, ଦେଉଳସାହି, ଓଳାଭର, ଉଜାଙ୍ଗ ଓ ଆଗପଡ଼ା ଗାଁର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ପାଖାପାଖି ୬ଶହ ଏକର ଜମିରେ ଡାଲୁଅ ଧାନ ଚାଷ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚଢ଼େଇଖିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ବନ୍ଧ କରି ଜଳକୁ ଅଟକାଇଥିବାରୁ ଚାଷ ଜମି ଫାଟି ଆଁ କଲାଣି। ଏହାକୁ ନେଇ ଚାଷୀମାନେ ଏକତ୍ରିତ ହୋଇ ସୋମବାର ବାଘବୁଦା ପଞ୍ଚାୟତ ପରିସରରେ ଅନୁଷ୍ଠିତ ରାଜକନିକା ବ୍ଲକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଲିଖିତ ଅଭିଯୋଗ କରି ଗୁହାରୀ କରିଥିଲେ। ହେଲେ ଜିଲାପାଳ ଶିବିରରୁ ଫେରିବା ବାଟରେ ଜଣେ ଚାଷୀ ହଠାତ ତାଙ୍କ ଗାଡ଼ି ସମ୍ମୁଖରେ ଶୋଇ ଆମ୍ଭମାନଙ୍କୁ ବଞ୍ଚାଇ ଦିଅ ବୋଲି ଗୁହାରି କରିଥିଲେ। କହିଥିଲେ ଆମେ ସମସ୍ତ ଚାଷୀ କୋଉଠି ନା କୋଉଠି ଋଣ କରି ଚାଷ କରିଛୁ, ଯଦି ଗୁହାରୀ ନ ଶୁଣିବେ ଆତ୍ମହତ୍ୟା ଭଳି ଚେତାବନୀ ଦେଇଥିଲେ। ଜିଲାପାଳ ତୁରନ୍ତ ଗାଡିରୁ ଓହ୍ଲାଇ ଆସି ଚାଷୀ ଜଣଙ୍କୁ ଉଠାଇ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥିବା ନାଳ ଖୋଲିବାକୁ ଶିବିରରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଡାଲୁଅ ଧାନ ପାଣି ଅଭାବରୁ ବିଲ ଫାଟି ଆଁ କରିଥିବା ବେଳେ ଜଳବନ୍ଦୀ ଯୋଗୁ ଚାଷ ପ୍ରଭାବିତ ହୋଇ ଗଜା ମରୁଡ଼ି ହେବାକୁ ବସିଛି। ନାଳରେ ହୋଇଥିବା କୃତ୍ରିମ ବନ୍ଧକୁ ଖୋଲା ନ ଗଲେ ଚାଷୀ ଚାଷ ହରାଇବା ସହ ଆତ୍ମହତ୍ୟା କରିବୁ ବୋଲି ଚାଷୀ ପୃଥ୍ୱୀରାଜ ମହାନ୍ତି, ରାକେଶ ଦାସ, ଅଶ୍ୱିନୀ ବାରିକ, ସତ୍ୟାନନ୍ଦ ଦାସ, ରଶ୍ମି ରଞ୍ଜନ ବେହୁରା, ରମାକାନ୍ତ ପରିଡା, କୈଳାସ ଚନ୍ଦ୍ର ନାୟକ, ସୌମ୍ୟ ପଲାଇ ପ୍ରମୁଖ ଚେତାବନୀ ଦେଇଥିଲେ।

# ଅର୍ଜୁନ ରାଉତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ଆଳି,୧୭।୧୨(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ଅର୍ଜୁନ ରାଉତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିବା ମନୋଜ ବାରିକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ୨୦୧୪ରେ ବଡିହ ଗ୍ରାମର ଅର୍ଜୁନ ରାଉତ, ତାଙ୍କ ପୁଅ ପ୍ରତାପ ରାଉତ ଦୁହେଁ ତରୁଣ ଜେନା ନାମକ ଜଣେ ଯୁବକଙ୍କୁ ତାଙ୍କ ଘରକୁ ଛାଡିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ବାଟରେ ଆକ୍ରମଣକାରୀ ଅତର୍କିତ ଆକ୍ରମଣ କରିଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀ ଗ୍ରାମବାସୀଙ୍କୁ ଆକ୍ରମଣ କରି ପଳାଇ ଯାଇଥିଲେ। ପରେ ଅର୍ଜୁନଙ୍କ ସମେତ ଆହତମାନଙ୍କୁ ଆଳି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅର୍ଜୁନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କେନ୍ଦ୍ରାପଡ଼ାକୁ ଯିବା ବାଟରେ ଅର୍ଜୁନଙ୍କର ପରଲୋକ ଘଟିଥିଲା। ଅର୍ଜୁନଙ୍କ ପୁଅ ଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୦୪/୧୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ପୂର୍ବରୁ ଭାଗୀରଥି ବାରିକ, ପଞ୍ଚାନନ ଦାସ, ସୁକାନ୍ତ ବାରିକ, ଜୟରାମ ବାରିକ ଗିରଫ ହୋଇ ଆଜୀବନ ଜେଲ ଭୋଗୁ ଥିବାବେଳେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମନୋଜ ବାରିକଙ୍କୁ ମଙ୍ଗଳବାର ପୋଲିସ ଆଳି ଥାନା ଅନ୍ତର୍ଗତ ଶିଳାସ୍ତମ୍ଭ (ଛୋଟରାୟପୁର) ଗ୍ରାମରୁ ଗିରଫ କରିଛି।

# ପ୍ରତିବାଦ କରି ୬ ଦଫା ଦାବି ଜଣାଇଲା କଳା ସଂସ୍କୃତି ସଂଘ



କଳାକାରମାନେ ବାଦ୍ୟଯନ୍ତ୍ର ବଜାଇ ଅଭିନବ ପ୍ରତିବାଦ କରି ଦାବି ଉପସ୍ଥାପନ କରୁଛନ୍ତି।

ରାଜକନିକା,୧୭।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ମଙ୍ଗଳବାର ନିଆରା ଢ଼ଙ୍ଗରେ ପ୍ରତିବାଦ କରି ୬ ଦଫା ଦାବି ଜଣାଇଥିବା ଦେଖିବାକୁ ମିଳିଛି। ସଂଘର ସମ୍ପାଦକ ଯୋଗେଶ୍ୱର ପ୍ରଧାନଙ୍କ ସଂଯୋଜନାରେ ବ୍ଲକ ପରିସରରେ ସଙ୍ଗୀତ ମାଧ୍ୟମରେ ହାରମୋନିୟମ, ତାବଲା, ଖୋଳ, କର୍ତ୍ତାଳ, ଗିନି, ବଂଶୀ, ମହୁରୀ ଆଦି ବଜାଇ ନିଆରା ଢଙ୍ଗରେ ପ୍ରତିବାଦ କରି ଦାବି ଜଣାଇଥିବା ଦେଖିବାକୁ ମିଳିଥିଲା। ପରେ ବିଧାନ ଦାସ, ଗୟାଧର ନାଥ, ସବିତା ବରଜ, ସାବିତ୍ରୀ ମାହୁନ୍ତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ୨୦୨୨-୨୩ରୁ ବ୍ଲକର ୫୩ ଜଣ କଳାକାର ସର୍ତ୍ତାବଳୀ ଅନୁଯାୟୀ ଅଡିଶନରେ ଯୋଗ୍ୟ ବିବେଚିତ ହେଉଥିଲେ ମଧ୍ୟ ଏବଂ ତନ୍ମଧ୍ୟରୁ ଜଣେ ଡେଥ୍ ଭାକାନ୍ସିରେ ଓ ଅନ୍ୟଜଣେ ମୃତ୍ୟୁବରଣ ପରେ ପ୍ରତୀକ୍ଷାମାଣ ଭତ୍ତା ଅଡିଶନଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ଭତ୍ତା ପ୍ରଦାନ କରିବା, ବୟସ ସହ ସମସ୍ତ ସର୍ତ୍ତାବଳୀ ପୂରଣ କରି ଆବେଦନକାରୀ କଳାକାରମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା, ବ୍ଲକରେ ଏକ କଳା ସଂସ୍କୃତି ଭବନ ଓ କଳା ବିକାଶ କେନ୍ଦ୍ର ନିର୍ମାଣ କରି କଳାର ବିକାଶ ଓ ପ୍ରଚାର ପ୍ରସାର କରିବାକୁ ପଦକ୍ଷେପ ଗ୍ରହଣ କରିବା, କଳାକାରମାନଙ୍କୁ ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ନିରାପତ୍ତା ଯୋଗାଇଦେବା, ଅର୍ଥନୈତିକ ସ୍ଥରରେ ଦୁର୍ବଳ କଳାକାରଙ୍କ ଯୋଗ୍ୟ ବିବେଚିତ ପୁସ୍ତକ ପ୍ରକାଶନ ପାଇଁ ସରକାର ଦାୟିତ୍ୱ ନେବା ଓ ଦରଦାମ ବୃଦ୍ଧିକୁ ଲକ୍ଷ୍ୟ କରି ମାସିକ କଳାକାର ଭତ୍ତା ୨ହଜାରରୁ ଅନ୍ୟୁନ ୧୦ହଜାରକୁ ବୃଦ୍ଧି କରିବା ଭଳି ଦାବିକୁ ସଙ୍ଗୀତ ମାଧ୍ୟମରେ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ୬ ଦଫା ସମ୍ବଳିତ ସ୍ମାରକ ପତ୍ରକୁ ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଭୟ ପରିଡା, ନକୁଳ ଚରଣ ଜେନା, ମଦନ ମଲିକ, ଯଶୋଦା ମଥାନ, ପ୍ରଭାକର ନାୟକ ପ୍ରମୁଖ କଳା ପରିବେଷଣ କରିଥିବା ବେଳେ, ବାଦ୍ୟଯନ୍ତ୍ରରେ ପ୍ରତାପ ପୃଷ୍ଟି, ନବକିଶୋର ସାହୁ, ଦୀପକ ଜେନା ଓ ଭାଗବତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌ଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରଫେସର ବୈଷ୍ଣବଙ୍କ ମୃତ୍ୟୁକୁ ନେଇ ଶୋକ

ପଟ୍ଟାମୁଣ୍ଡାଇ,୧୭।୧୨(କଳ୍ପତରୁ ନାୟକ)

ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସମ୍ପାଦକ ବୈଷ୍ଣବ ଚରଣ ସିଂଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। କଟକ ଯୋବ୍ରା ବ୍ୟାରେଜ ନିକଟ ମହାନଦୀରୁ ପ୍ରଫେସରଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀ ବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅନିରୁଦ୍ଧ ରାଉଳ, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ, ତୈଲୋକ ପ୍ରସାଦ ମିଶ୍ରଙ୍କ ସମେତ ପଟ୍ଟାମୁଣ୍ଡାଇର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ଘର ଗ୍ରାମ ପଟ୍ଟାମୁଣ୍ଡାଇ ଥାନା ସେକପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପାଖାପାଖି ରହୁଥିଲେ। ସେ ୧୫ତାରିଖରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ନନ୍ଦନକାନନ ଥାନାରେ ଏତଲା ଦେଇଥିଲେ। ସକାଳେ ବୈଷ୍ଣବଙ୍କ ମୃତଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ପୂର୍ବତନ ପ୍ରଫେସରଙ୍କ କିପରି ମୃତ୍ୟୁ ଘଟିଲା ଓ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର କାରଣ ଜଣାପଡ଼ିନାହିଁ। ବୈଷ୍ଣବ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିନାହିଁ। ପୋଲିସ ପୂର୍ବତନ ପ୍ରଫେସରଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ କରୁଛି।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ


ତହସିଲଦାର ଅଶୋକ କୁମାର ଦେହୁରୀ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଉଛନ୍ତି।

ରାଜକନିକା,୧୭।୧୨(ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ବଜାର ମଧ୍ୟ ଭାଗ ସହ ତଟବନ୍ଧ ବିଭାଗ ଗଞ୍ଜାଠାରୁ ସାତଘରିଆ ରାସ୍ତା ବିଶେଷ କରି ସାତଘରିଆ ଗାଁ ପାଖରୁ ଓଳାଭର ତାରିଣୀ ଛକ ଏବଂ ଓଳାଭର ପୋଷ୍ଟ ଅଫିସ ତଥା କଲେଜ କ୍ୟାଣ୍ଟିନ ପର୍ଯ୍ୟନ୍ତ ସରକାରୀ ଜାଗାକୁ ଦୀର୍ଘଦିନ ହେବ ଅବରୋଧ କରାଯାଇଛି। ଏହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ପୂର୍ବ ଜିଲାପାଳ ସମର୍ଥ ବର୍ମାଙ୍କ ସମୟରେ ଏହି ସ୍ଥାନ ମାପ ଯାଇ ଚିହ୍ନଟ ହୋଇଥିଲା। କିନ୍ତୁ କେତେଜଣ ବ୍ୟବସାୟୀ ମାପର ଚିହ୍ନ ଲିଭାଇ ଦେଇଥିବା ଜଣାପଡ଼ିଛି।

ଏହି ଜବରଦାଖଲ ପାଇଁ ଗାଁକୁ ଯାଉଥିବା ସରକାରୀ ବସ ହେଉ କି ଅନ୍ୟ ବସ ଯାଇପାରୁନାହିଁ। ପ୍ରମୁଖ ରାସ୍ତାଟି ସବୁ ବେଳେ ଭିଡ ରହୁଥିବାରୁ ଲୋକେ ଯିବାଆସିବା କରି ପାରୁନାହାନ୍ତି। ଫଳରେ ବହୁସମୟରେ ଦୁର୍ଘଟଣା ଘଟୁଛି। ସେହିପରି କଲେଜ ମେନ୍ ରୋଡ ମଧ୍ୟ ଜବରଦଖଲରେ ରହିଥିବାରୁ ପିଲା କଲେଜ, ସ୍କୁଲ ଯିବାରେ ସମସ୍ୟା ଦେଖା ଦେଉଛି। ଏହି ଘଟଣାକୁ ନେଇ ନଭେମ୍ବର୬ ତାରିଖରେ ସ୍ଥାନୀୟ ଲୋକେ ଏବଂ ବଣିକ ସଂଘ ସମ୍ପାଦକ, ଓଳାଭର ଯୁବକ ସଂଘ ସମ୍ପାଦକଙ୍କ ସହ ଆଖପାଖ ପଞ୍ଚାୟତ ପ୍ରତିନିଧି ସ୍ଥାନୀୟ ତହସିଲଦାରଙ୍କ ସହ ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ନଭେମ୍ବର ୧୦ତାରିଖରେ ଚିଠି ନଂ. ୩୪୧୪ ରେ କନିକା ତହସିଲଦାରଙ୍କୁ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଥିଲେ। ପରେ ମଙ୍ଗଳବାର ୨୭ଜଣଙ୍କୁ ଜବରଦଖଲ ଉଚ୍ଛେଦ ନୋଟିସ କରିଥିଲେ। କିନ୍ତୁ ମଙ୍ଗଳବାର ନହୁଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ (କ୍ୟାମ୍ପ କୋର୍ଟ)ରେ ନିଜେ ଉପସ୍ଥିତ ରହି ଓଳାଭର ବଜାରରେ ଜବରଦଖଲ କରିଥିବା ୨୭ଜଣଙ୍କୁ ୩୦ଦିନ ମଧ୍ୟରେ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଅବମାନନା କରନ୍ତି ଜବରଦଖଲ ଉଚ୍ଛେଦ ଆଇନ ଅନୁଯାୟୀ ନୋଟିସ ବଳରେ ଏହି କାର୍ଯ୍ୟ କରାଯିବ ବୋଲି କନିକା ତହସିଲଦାର ଦେହୁରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶ ପରେ ଓଳାଭର ଅଞ୍ଚଳର ସାଧାରଣ ଲୋକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶିଶୁ ହସିଲେ ଦୁନିଆ ହସେ



ଓଷ୍ଟାର ବ୍ଲକ ସମ୍ପାଦକ ମଳୟ କୁମାର ପାଣି ବିବରଣୀ ପାଠ କରୁଛନ୍ତି।

**ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ**
■ ତେଣ୍ଡାକୁଡ଼ା ଫଜଲହକ୍ ହାଇସ୍କୁଲ

ପାଟକୁରା,୧୭।୧୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ତେଣ୍ଡାକୁଡ଼ା ଫଜଲହକ୍ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲା ସଭାପତି ଅଶୋକ କୁମାର ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିବାବେଳେ ଜିଲା ସମ୍ପାଦକ ଭଗବାନ ସାହୁ ମୁଖ୍ୟବକ୍ତା ଓ ବ୍ଲକ୍ ସଭାପତି ସୁଧାକର ପରିଡ଼ା ସଭାପତି ଭାବେ ସଭା ପରିଚାଳନା କରିଥିଲେ। ଓଷ୍ଟାର ଡ଼େରାବିଶ ବ୍ଲକ୍ ସମ୍ପାଦକ ଗଗନ ବିହାରୀ ସୂତାର, ଯୁଗ୍ମ ସମ୍ପାଦକ ଅଲେଖ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ଫଜଲହକ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ୨୫ଟି ହାଇସ୍କୁଲର ୧୪୮ ଜଣ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଗୀତ, ଏକକ ନୃତ୍ୟ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୋଧ ଜ୍ଞାନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, ତର୍କ ଆଦି ପ୍ରତିଯୋଗିତା ହୋଇଥିଲା। ୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା। ଜିଲାସ୍ତରୀୟ ଶିଶୁ ଉତ୍ସବ ଆଖୁଆ ଓଡ଼ଙ୍ଗ ହାଇସ୍କୁଲରେ ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବ ବୋଲି ବ୍ଲକ୍ ସମ୍ପାଦକ ମଳୟ କୁମାର ପାଣି ସୂଚନା ଦେଇଛନ୍ତି।

# ଅଗ୍ନି ବିପନ୍ନଙ୍କୁ କେସିସିଏଲ୍ ପକ୍ଷରୁ ସହାୟତା

ଡେରାବିଶ, ୧୭।୧୨ ( ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ବଡ଼ସାରଦେଇପୁର ଗାଁରେ ଗତ ୪ ତାରିଖରେ ଅଗ୍ନୀକାଣ୍ଡରେ କୁଳମଣୀ ମଲିକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏଥିରେ କୁଳମଣୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସମସ୍ତ ଆସବାବପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯିବାରୁ ତାଙ୍କ ପରିବାର ଅସହାୟ ହୋଇପଡିଥିଲେ। ସର୍ବହରା ବିପନ୍ନ ପରିବାର ପଡୋଶୀଙ୍କ ଘର ଓ ବାରଣ୍ଡାରେ ପଡି ରହିଥିବା ଖବର ପାଇ କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ(କେସିସିଏଲ) ମଙ୍ଗଳବାର ବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛି। ବ୍ୟାଙ୍କର ଗୁରୁଚରଣ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପରିବାରକୁ ଏକ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଅଧିକାରୀ ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା ଓ ଭଞ୍ଜ କିଶୋର ଜେନା ପ୍ରମୁଖ ଉକ୍ତ ବିପନ୍ନ ପରିବାର ପାଖରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

# ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଡେରାବିଶ, ୧୭।୧୨ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ ରୋଗୀ ସେବା, ଭିତ୍ତିଭୂମିର ଉନ୍ନତି ପାଇଁ ଅଞ୍ଚଳବାସୀ କେନ୍ଦ୍ରାପଡ଼ା ଜିଲାପାଳଙ୍କଠାରେ ଦାବି ଜଣାଇଛନ୍ତି। ଏଥିପାଇଁ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଭେଟି ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀଙ୍କ ଦସ୍ତଖତ ରହିଥିବା ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

୧୯୯୯ରେ ପ୍ରତିଷ୍ଠା ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ ଅଧିକ ୧୨ ପଞ୍ଚାୟତର ୪୫ ଖଣ୍ଡ ଗ୍ରାମର ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର ରହିଛନ୍ତି। ହେଲେ ବିଭାଗ ପକ୍ଷରୁ ଏଯାଏ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମିକୁ ସଜଡ଼ା ଯାଇ ପାରି ନ ଥିବାରୁ ଦୈନିକ ଏଠାକୁ ଶତାଧିକ ସଂଖ୍ୟାରେ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଥିଲେ ମଧ୍ୟ ସେମାନେ ଠିକ ଭାବେ ସେବା ନ ପାଇ ହନ୍ତସନ୍ତ ହେଉଥିବା ଅଭିଯୋଗରେ ଦର୍ଶାଯାଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ ଅଞ୍ଚଳବାସୀ ବାରମ୍ବାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନିକ ଅଧିକାରୀଙ୍କ ବୈମାତୃକ ମନୋଭାବ ପୋଷଣ କରି ଆସିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରି ଆବଶ୍ୟକ ଉପକରଣ ଏଯାଏ ଉପଲବ୍ଧ ହୋଇପାରିନାହିଁ। ବର୍ତ୍ତମାନ ଥିବା ଡାକ୍ତରଙ୍କ ନିଷ୍ଠାପର ସେବା ମନୋଭାବ ଦୈନିକ ରୋଗୀ ସଂଖ୍ୟାକୁ ବଢ଼ାଇ ପାରିଥିଲେ ମଧ୍ୟ ଅତ୍ୟାବଶ୍ୟକ ପରୀକ୍ଷାଗାର ଓ କର୍ମଚାରୀ ନ ଥିବାରୁ ବହୁକ୍ଷେତ୍ରରେ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବାରୁ ନିରାଶ ହେଉଛନ୍ତି। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ନ ଥିବାରୁ ଏହି ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ପରିବେଶକୁ ବିଭିନ୍ନ ସମୟରେ ଅଶାନ୍ତ କରି ଦେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଂଖ୍ୟା ଦୈନିକ ବୃଦ୍ଧି ପାଉଥିବାରୁ ଏଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି। ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ ଓ ସମିତିସଭ୍ୟ ଲକ୍ଷ୍ମିପ୍ରୀୟା ସେଠୀ, ଛୋଟି ସରପଞ୍ଚ ରଜନୀ ମଲିକ, କୁରୁଜଙ୍ଗା ସରପଞ୍ଚ ମାନଲୀ ସାମଲ ଓ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ କୈଳାସ ଲେଙ୍କା, ନାରାୟଣ ଲେଙ୍କା, ଫକୀର ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ସୁଦୃଢ଼ ଦେଶ ଗଠନରେ ଯୁବଶକ୍ତିଙ୍କ ଭୂମିକା ଜରୁରୀ

**କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ଉତ୍ସବ**



ଯୁବ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଡେରାବିଶ, ୧୭।୧୨ ( ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର, କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଯୁବ ଉତ୍ସବକୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ମହାପାତ୍ର ମୁଖ୍ୟ ଅତିଥି, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ନେହେରୁ ଯୁବ କେନ୍ଦ୍ରର ଜିଲା ଅଧିକାରୀ ତିରୁପତି ରେଡ୍ଡି, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ପଦ୍ମଜା କବି ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତିର ଉନ୍ନତିରେ ଏବଂ ସୁସ୍ଥ ସମାଜ ଓ ସୁଦୃଢ଼ ଦେଶ ଗଠନରେ ଯୁବ ଶକ୍ତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହିନ୍ଦି ଓ ଇଂରାଜି ଭାଷାରେ କରାଯାଇଥିବା ବକ୍ତୃତା, ଚିତ୍ରାଙ୍କନ, ଫୋଟୋ ୱାର୍କସପ, କବିତା ଲିଖନ ଓ ପଠନ, ଦେଶାତ୍ମବୋଧ ସଙ୍ଗୀତ, ନୃତ୍ୟ ଓ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ହୋଇଥିବା ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଡିସିପିଓ ବିଜୟ କେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଶିଶିରକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ପରିଚାଳନା କରିଥିଲେ। ଶେଷରେ ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ଏହାକୁ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀ ଶୁଭଶ୍ରୀ କର, ସିପ୍ରା ବିଶ୍ୱାଳ, ପୂଜା ରାଣୀ, ସିରୁ ନନ୍ଦୀ, ପ୍ରଭାତ ବେହେରା ଓ ଅଭିଷେକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଭାରିଯାନ କଟକଣା ବାଟବଣା

ନୟାଗଡ଼,୧୭।୧୨
(ଲୋକନାଥ ମିଶ୍ର)


ନୟାଗଡ଼ ଷ୍ଟେଟ୍‌ବ୍ୟାଙ୍କ ଛକ ରାସ୍ତାରେ ଭାରିଯାନ।

■ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା
■ ଦିନବେଳା ଚଳାଚଳ କରୁଛି ଭାରିଯାନ
■ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଚଳାଚଳ ବାରଣ

ନୟାଗଡ଼ ଜିଲାରେ ଭାରିଯାନ ଉପରେ ଜିଲା ପ୍ରଶାସନ କଟକଣା ଜାରି କରିଥିଲେ ମଧ୍ୟ ତାହା ବାଟବଣା ହୋଇ ଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇ ଭାରିଯାନକୁ ଚଳାଚଳ କରାଯାଉଛି। ସକାଳ ୭ଟାରୁ ରାତ୍ର ୯ଟା ଭାରିଯାନକୁ ବାରଣ କରାଯାଇଥିଲେ ମଧ୍ୟ ଭାରିଯାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଉଠିଛି।

ମୋଟର ଯାନ ଆକ୍ଟ ୧୯୮୮ (୫୯), ରୁଲ ୧୯୯୩ (୧୭୩) ଅନୁସାରେ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ସମଗ୍ର ନୟାଗଡ଼ ଜିଲାରେ ମାଲ ପରିବହନ କରୁଥିବା ଭାରିଯାନ ଟିପ୍ପର, ଟ୍ରକ ଦ୍ୱାରା ବାଲି, ମୋରମ,ଗୁଣ୍ଡ ପଥର(ଚିପସ୍),ଖଣ୍ଡ ପଥର,ଇଟା ଇତ୍ୟାଦିର ପରିବହନ ଉପରେ କଟକଣା ଲାଗୁ କରାଯାଇଛି। ଭାରିଯାନକୁ ଜିଲା ଭିତରେ ଚାଳାଚଳ କରିବାକୁ ସକାଳ ୭ଘଣ୍ଟିକା ଠାରୁ ରାତ୍ର ୯ଘଣ୍ଟିକା ପର୍ଯ୍ୟନ୍ତ ବାରଣ ରହିଛି। ତେବେ ନିଷେଧାଦେଶକୁ ଅଣଦେଖା କରିବା ଠିକ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏନେଇ ଆଇନଜୀବୀ ରଣଜିତ ଦାଶ କୁହନ୍ତି, କେବଳ କଟକଣା ଲାଗୁ କରିଦେଲେ ହେବନି। ଏହାର କାର୍ଯ୍ୟକାରିତା ଉପରେ ତା'ର ତଦାରଖ କରିବା ଦରକାର। ଭାରିଯାନ ଉପରେ କଟକଣା ଲାଗୁ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ କଟକଣା ଲାଗୁ ପରେ ବି ଭାରଯାନ କିପରି ଚଳାଚଳ କରୁଛି ତାହା ତଦନ୍ତସାପେକ୍ଷ। ନିଷେଧାଦେଶକୁ ଅଣଦେଖା କରୁଥିବା ଚାଳକଙ୍କ ଉପରେ ଅନୁକମ୍ପା ନୁହେଁ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଦୁର୍ଘଟଣାକୁ ଏଡାଇପାଇଁ କଟକଣା ଲାଗୁ କରାଯାଇଛି। ଯଦି ଆଇନକୁ କାର୍ଯ୍ୟକାରୀ କରା ନ ଯିବ ତେବେ ନିଷେଧାଦେଶ ଜାରି କରି ଲାଭ କଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି ଲୋକଙ୍କ ହିତ ପାଇଁ ଜିଲା ପ୍ରଶାସନ ଭାରିଯାନ ଉପରେ କଟକଣା ଲାଗୁ କରିଛି। କଟକଣା ଯଦି ବାଟବଣା ହେଉଛି ସେନେଇ ଜିଲାପ୍ରଶାସନ ସମୀକ୍ଷା, ତଦାରଖ କରିବା ଦରକାର। କଟକଣା ଆଗକୁ ଯେପରି ବାଟବଣା ନ ହେବ ସେଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେବା ଜରୁରୀ। ରାମଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି କହିଛନ୍ତି ଜିଲା ସଦର ମହକୁମାରେ ଭାରିଯାନ ଦିନବେଳା ଚଳାଚଳ କରୁଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ନ ଯାଇ ଷ୍ଟେଟବ୍ୟାଙ୍କ ରାସ୍ତା ଦେଇ ଯାଉଛି। ପ୍ରଶାସନ କଟକଣା ଲାଗୁ କରିଥିବାବେଳେ ପୋଲିସ କଣ ପଦକ୍ଷେପ ନେଉଛି। ତହସିଲ କର୍ତ୍ତୃପକ୍ଷ କାହିଁକି ଚୁପ ରହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ କାହିଁକି ସମୀକ୍ଷା କରୁନି। ଯଦି ଭାରିଯାନ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବାର ଅଛି ତେବେ କଟକଣା ଉଠାଇ ଦେବା ଦରକାର ବୋଲି କହିଛନ୍ତି। ପ୍ରଦୀପ୍ତ ନାୟକ ନାମକ ଜଣେ ବ୍ୟକ୍ତି କହିଛନ୍ତି ନିକଟରେ ନୟାଗଡ଼ ଟାଉନ ଥାନା ପୋଲିସ ୪ଟି ଭାରିଯାନ ଜବତ କରିଥିଲା। ତେବେ ପରେ ଜଣା ପଡିଛି ତାଗିଦ୍ କରି ଛାଡି ଦିଆଯାଇଛି। ଯଦି କଟକଣା ଲାଗୁ କରାଯାଇଛି ତେବେ ତାଗଦ୍ କ'ଣ ପାଇଁ। ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କରୁଥିବା ଭାରିଯାନ ମାଲିକ ଓ ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଏପରି ହେଲା ନିଷେଧାଦେଶକୁ ଅଣଦେଖା କରିବାକୁ କେହି ସାହାସ କରିବେ ନାହିଁ। ଏନେଇ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଦରକାର। ନାହିଁ ତ କଟକଣା ଉଠାଇ ଦେବା ଦରକାର।

ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର କୁହନ୍ତି, କିଛି ଭାରିଯାନ କଟକଣାକୁ ନ ମାନି ଦିନବେଳା ଚଳାଚଳ କରୁଥିବା ଜଣାପଡିଥିଲା। ଏଣୁ ସେପରି ଭାରିଯାନକୁ ଅଟକ ରଖାଯାଇ ଚାଳକଙ୍କୁ ତାଗିଦ୍ କରି ଛଡାଯାଇଛି। ଆଗକୁ ଏପରି କଟକଣା ଯେପରି ଭଙ୍ଗ ନ ହେବ ସେଥିପ୍ରତି ସେମାନଙ୍କୁ ତାଗିଦ୍ କରାଯାଇଛି ବୋଲି କହିଛନ୍ତି।

# ଜଙ୍ଗଲରୁ ଶାଗୁଆନ ଗଛ କାଟୁଥିବା ବେଳେ ୮ ଅଟକ



ଓଡ଼ଗାଁ,୧୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁବନାଞ୍ଚଳ ଅନ୍ତର୍ଗତ ମଇଁଶିଗୋଠପଲ୍ଲୀ ଗ୍ରାମ ସନ୍ନିକଟ ଧାଡ଼ିମୁଣ୍ଡିଆ ଜଙ୍ଗଲରୁ ଶାଗୁଆନ ଗଛ କାଟି ନେଉଥିବା ବେଳେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮ ଜଣଙ୍କୁ ଅଟକ ରଖାଯାଇଛି । ମଙ୍ଗଳବାର ଏହି ଜଙ୍ଗଲରୁ ଶାଗୁଆନ କାଠ କଟା ଯାଉଥିବା ସ୍ଥାନୀୟ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ ସୂଚନା ପାଇଥିଲେ । ନୟାଗଡ଼ ବନ ଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶାନୁସାରେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ । ଜଙ୍ଗଲରେ କେତେଜଣ ବ୍ୟକ୍ତ ୭ ଶାଗୁଆନ ଗଛକୁ ମୂଳରୁ କାଟି କରତରେ ଖଣ୍ଡ କରୁଥିଲେ । ଏପରି ସ୍ଥିତିରେ ୮ ଜଣଙ୍କୁ ବନ କର୍ମଚାରୀ କାବୁ କରିବାରେ ସଫଳ ହୋଇଥିଲେ । ସେମାନେ ହେଲେ କଲ୍ୟାଣପର ଗ୍ରାମର ହରିବନ୍ଧୁ ପାତ୍ର, ସନ୍ୟାସୀ ପ୍ରଧାନ, ଚିରଞ୍ଜିବୀ ପ୍ରଧାନ, ଜ୍ୟୋତିରଞ୍ଜନ ପାତ୍ର, ପିଆଶାଳିଆ ଗ୍ରାମର ସୁରଥ ମାଝି, ସନ୍ତୋଷ ନାୟକ, ସିଙ୍ଗାରପୁର ଗ୍ରାମର କରୁଣା ନାହାକ ଓ ସୋଲପେଟା ଗ୍ରାମର ଗୌରାଙ୍ଗ ନାହାକ । ସେମାନେ ବ୍ୟବହାର କରିଥିବା ଓଡି୨୫କ୍ୟୁ ୩୩୪୧, ଓଡି୨୫କ୍ୟୁ ୧୩୬୦, ଓଡି ୦୭ଡି ୯୨୬୬,ଓଆର ୦୨ଏୟୁ ୭୦୯୫ ଓ ଓଡି୨୫ବି ୧୬୪୯ ନମ୍ବର ବିଶିଷ୍ଟ ୫ ବାଇକ୍ ଜବତ କରାଯାଇଛି । ଏଥିସହିତ ମେଶିନ କରତ, ୩ ହାତ କରତ ସହିତ ଟାଙ୍ଗିଆ ଓ ଦଉଡି ବି ଜବତ ହୋଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ ସୂଚନା ଦେଇଛନ୍ତି । ବନ ବିଭାଗ ସଦ୍ୟ କଟା ଯାଇଥିବା ୨୦ ଶାଗୁଆନ ଗଣ୍ଡି ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅଟକଳ କରାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ଓଆର ୪୨/୨୦୨୪-୨୫) ରୁଜୁ ହୋଇଛି ।

# କୁରାଳ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଓଡ଼ଗାଁ,୧୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ ଯୋଗଦେଇ ଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ବିଶିଷ୍ଟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁ,ଭାରତ ସ୍କାଉଟ ଆଣ୍ଡ ଗାଇଡ୍‌ର ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ,ସମ୍ମାନିତ ଅତିଥି କୁରାଳ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ରାମ ପ୍ରସାଦ ସାହୁ, ଜିଲାପରିଷଦ ସଭ୍ୟା ଝିଲି ପ୍ରଧାନ,ସମିତିସଭ୍ୟା କନକ ପାତ୍ର,ସରପଞ୍ଚ ବିଜନ ପାଇକରାୟ,ବିଦ୍ୟାଳୟ ସଭାପତି ସୀମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିବାବେଳେ ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ସହ ଶ୍ରୀ ଦଧିବାମନଜୀଉଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହିମାଂଶୁ ବିଧାରଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିଲା।

# ଓଡ଼ଗାଁ ଫୁଟ୍‌ବଲ ମ୍ୟାଚ୍, ମହୋତ୍ସବ ପ୍ରସ୍ତୁତି

ଓଡ଼ଗାଁ,୧୮।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମ ପରିସରରେ ମଙ୍ଗଳବାର ଅପରାହ୍ନରେ ଓଡ଼ଗାଁ ଫୁଟବଲ ମ୍ୟାଚ ଏବଂ ଓଡ଼ଗାଁ ମହୋତ୍ସବ ୨୦୨୫ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଓଡ଼ଗାଁ ପଞ୍ଚାୟତ ସମିତି ଅଧକ୍ଷ ଲୋକନାଥ ସାହୁ, ବାର ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଜାନୁୟାରୀ ୨୨ ଠାରୁ ଫୁଟବଲ ମ୍ୟାଚ ଆରମ୍ଭ ହୋଇ ୨୬ ତାରିଖରେ ଫାଇନାଲ ମ୍ୟାଚ ହେବ । ଏଥିରେ ୬ଟି ଦଳ ଭାଗନେବେ । ସେହିପରି ଫେବୃଆରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ଗାଁ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ଦଳ ମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ମହୋତ୍ସବ ଏବଂ ଫୁଟବଲ ମ୍ୟାଚକୁ ସହଯୋଗ କରିବା ସହିତ ଦଳଗତ ମତ ଠାରୁ ଦୁରେଇ ରହି ସାମୁହିକ ମତକୁ ଗୁରୁତ୍ୱ ଦେଇ ଓଡ଼ଗାଁ ଫୁଟବଲ ଓ ଓଡ଼ଗାଁ ମହୋତ୍ସବକୁ ଶୃଙ୍ଖଳିତ ସହକାରେ କାର୍ଯ୍ୟକାରୀ କରିବାକୁ ବିଧାୟକ ଅନୁରୋଧ କହିଥିଲେ । ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଓଡ଼ଗାଁ ଅଞ୍ଚଳର ବୁଦ୍ଧିଜିବୀ, ଯୁବକ, ପୁରାତନ ଖେଳାଳି ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରି ସେମାନଙ୍କ ମତ ରଖିଥିଲେ ।

# ଗ୍ରୀନ୍ କ୍ଲବ୍ ପକ୍ଷରୁ ଶିଶୁ ଉତ୍ସବ 'ଅଙ୍କୁରାୟନ' ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଶରଣକୁଳ,୧୭।୧୨
(ଦୀପକ କର)

ଶରଣକୁଳ ନିକଟ ହରିହରପୁର ଗ୍ରୀନକ୍ଲବ ପକ୍ଷରୁ ଗ୍ରୀନ୍ ପାର୍କ ପରିସରରେ ଶିଶୁ ଉତ୍ସବ 'ଅଙ୍କୁରାୟନ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବର ସଭାପତି ବିଭୁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶରଣକୁଳ ଅଞ୍ଚଳରେ କୁନୁ କୁନି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ନୂତନ ସମ୍ଭାବନାର ଅୟରମ୍ଭ ହୋଇଛି। ଆଜିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଶରଣକୁଳ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଶରଣକୁଳ କଲେଜର ରାଜନୀତି ବିଭାଗ ଅଧାପକ ଅନ୍ତର୍ଯ୍ୟାମୀ ପରିଡ଼ା ଯୋଗ ଦେଇଥିଲେ । ବିଭୁ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରି ଆରମ୍ଭ କରିଥିଲେ। ପରେ ଆଜିର ପ୍ରତିଯୋଗୀତା ୧୦୦ମି ଦୌଡ଼, ଲମ୍ଫଡ଼ିଆଁ, ସୃଜନିକା, ଝୋଟି ଚିତା, ଦଉଡ଼ିଡ଼ିଆଁ, ସଙ୍ଗୀତ, ମୁରୁଜ ଆଦି ପ୍ରତିଯୋଗିତା ବରିଷ୍ଠ ଓ କନିଷ୍ଠ ବର୍ଗ ପାଇଁ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷପରି ମଙ୍ଗଳବାର ସକାଳ ୮.୩୦ମିନିଟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଆନନ୍ଦ ଓ ଆଲୋକର ଉତ୍ସବ ଅଙ୍କୁରାୟନ ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶା ତଥା ବିଦେଶରେ ରହୁଥିବା ଓଡିଆ ପିଲାମାନେ ମଧ୍ୟ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୨୯ଟି ପ୍ରତିଯୋଗିତା ଛଡା ସବୁବର୍ଷ ପରି କାହାଣୀ, ଗୀତ, ଖେଳ ମାଧମରେ ଶିଶୁପ୍ରାଣରେ ଭାବ ଜାଗରଣ ନିମିତ୍ତ ଆନନ୍ଦକେନ୍ଦ୍ର ଓ ବିଶେଷ ବ୍ୟକ୍ତିମାନଙ୍କ ସହ ଅଳ୍ପ ଗଳ୍ପ ମଧ୍ୟ ଅନୁଷ୍ଠିତ ହେବ। ଚଳିତ ବର୍ଷ ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକର ବିଦ୍ୟାଳୟ ଓ କଲେଜରୁ ୬୫୦ରୁ ଅଧିକ ଛାତ୍ରୀଛାତ୍ର ଅନ୍‌ଲାଇନ ମାଧମରେ ଏଥିରେ ଅଂଶ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ଲୋକନାଥ ପ୍ରଧାନ, ମଙ୍ଗୁଳି ସ୍ୱାଇଁ, ବଇ ନାୟକ, ବାପୁନୀ, ଶିବ ଶଙ୍କର ମହାରଣା, ଉପଦେଷ୍ଟା ସୌଦାଗର ନାୟକ, କୋଷାଧକ୍ଷ କୈଳାସ ମହାରଣା, ମଙ୍ଗଳା ନାୟକ, ଯୋଗଗୁରୁ ବୈକୁଣ୍ଠ ପ୍ରଧାନ, ଟୁଲୁ ମହାନ୍ତି, ଶରତ ଚନ୍ଦ୍ର ବରାଡ଼, ବାବୁ ସାହୁ, ହିମାଂଶୁ ମହାନ୍ତି, ସିଲୁ ମହାନ୍ତି, ବାବୁଲା ସ୍ୱାଇଁ ପ୍ରମୁଖ ଗ୍ରୀନକ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ। ଗ୍ରୀନକ୍ଲବର ସମ୍ପାଦକ କୁମାର ବରାଡ଼ ସଂଯୋଜନା କରିଥିଲେ।

# ସଂଗ୍ରାମୀ ଗୋବିନ୍ଦ ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଦଶପଲ୍ଲା,୧୭।୧୨
(ପ୍ରକାଶ କୁମାର ପାଣି)

ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସ୍ମୃତି ସଭା ଦଶପଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ନନ୍ଦ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋବିନ୍ଦ ସ୍ମୃତି ପରିଷଦର ଆବାହକ ପ୍ରସନ୍ନ କୁମାର ପଣ୍ଡା ଉଦ୍‌ବୋଧନ ଦେଇ କହିଲେ ଯେ ରାଜତନ୍ତ୍ର ବିରୋଧରେ କନ୍ଧମେଳିର ମୁଖ୍ୟ ସୂତ୍ରଧର, ସାବରମତୀ ଆଶ୍ରମର ଅନ୍ତେବାସୀ, ସାଧୀନତା ପରେ ରାଜ୍ୟସଭା ସଦସ୍ୟ ହୋଇଥିବା ଗୋବିନ୍ଦଙ୍କ ସ୍ମୃତିରକ୍ଷା ଆବଶ୍ୟକ। ଗୋବିନ୍ଦ ମିଶ୍ରଙ୍କ ଜନ୍ମ ଦିବସ କିମ୍ବା ଶ୍ରାଦ୍ଧବାର୍ଷିକୀକୁ ରାଜ୍ୟ ସରକାରଙ୍କ ଲୋକ ସମ୍ପର୍କ ବିଭାଗ ତରଫରୁ ପାଳନ କରାଯିବା ଏବଂ ରାଜଧାନୀରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ, ଦଶପଲ୍ଲା ଦୁର୍ଗା ବଜାର କଲୋନୀରେ ନିର୍ମାଣଧୀନ ଶିଶୁ ଉଦ୍ୟାନକୁ ଗୋବିନ୍ଦ ମିଶ୍ରଙ୍କ ନାମରେ ନାମିତ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ସମେତ ବହୁ ବରିଷ୍ଠ ନାଗରିକ ମଧ ଏହି ଦାବି କରିଛନ୍ତି ।

# ପିଲାଙ୍କ ଶୁଭ ମନାସି ଦାଣ୍ଡ ପହଁରା ଓଷା



ଖଣ୍ଡପଡ଼ା,୧୭।୧୨
(ଅଜୟ କୁମାର ମହାରଣା)

ପିଲାଙ୍କ ଶୁଭ କାମନା କରି ସୋମବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପାରମ୍ପରିକ ଦାଣ୍ଡପହଁରା ପାଳିତ ହୋଇଯାଇଛି । ମହିଳାମାନେ ଅପମାରଙ୍ଗ ଗଛରେ ପହଁରା ପ୍ରସ୍ତୁତ କରି ଆୟୋଜିତ ଓଷା ସ୍ଥଳକୁ ଓଳାଇଥିଲେ। ପରେ ବାଲିରେ ମୂର୍ତ୍ତି ସ୍ଥାପନ କରି ନୈବେଦ୍ୟ ଦେଇ ପୂଜା କରିଥିଲେ । ଏହି ଓଷା ପାଳନ କରିବା ସମ୍ପର୍କରେ ପୁରାଣରୁ ଜଣାଯାଏ ଯେ, ପୂର୍ବେ ଜଣେ ସାଧବ ବୋହୂ କେତେଜଣ ପିଲାଙ୍କୁ ଛେନା ଗୁଡ ବାଣ୍ଟୁଥିବା ବେଳେ ଅନ୍ୟ ଜଣେ ପିଲା ଏହାକୁ ମାଗିଥିଲା । ସାଧବ ବୋହୂ ଉକ୍ତ ପିଲାକୁ ଛେନା ଗୁଡ ପରିବର୍ତ୍ତେ ପାଖରେ ପଡିଥିବା ଏକ ଭଙ୍ଗା ଖପରା ଦେଇ ଭଣ୍ଡାଇଥିଲେ। ଫଳରେ ସେହି ପିଲା ଅସନ୍ତୋଷ ପ୍ରକାଶ କରି ସାଧବ ବୋହୂଙ୍କୁ ଅଭିଶାପ ଦେଇଥିଲା । ଏଥିପାଇଁ ସାଧବ ବୋହୂଙ୍କର ପରବର୍ତ୍ତୀ ସମୟରେ ଥର ଥର କରି ୭ ସନ୍ତାନ ଜନ୍ମ ହୋଇଥିଲେ ମଧ ସମସ୍ତେ ଅକାଳରେ ପ୍ରାଣ ହରାଇଥିଲେ । ମାତ୍ର ଜଣେ ସାଧୁଙ୍କ ପରାମର୍ଶ କ୍ରମେ ସାଧବ ବୋହୂ ଦାଣ୍ଡ ପହଁରା ଓଷା ପାଳନ କରିବା ପରେ ପିଲାମାନଙ୍କୁ ଫେରି ପାଇଥିଲେ ବୋଲି ଲୋକକଥା ରହିଛି ।

# ଅବାଧରେ ବିକ୍ରି ହେଉଛି ମଦ, ଗଞ୍ଜେଇ, ବ୍ରାଉନସୁଗାର

ନୟାଗଡ଼,୧୭।୧୨
(ଲୋକନାଥ ମିଶ୍ର)


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

■ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା
■ ଜବତ ମଦ ଗାଏବ ପରେ ସନ୍ଦେହରେ ଅବକାରୀ ବିଭାଗ
■ ଜିଲାପାଳଙ୍କୁ ଫେରାଦ ହେଲେ ଲକ୍ଷ୍ମୀପ୍ରସାଦ ବାସିନ୍ଦା

ନୟାଗଡ ସଦର ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଅବାଧରେ ବିକ୍ରୀ ହେଉଥିଲେ ମଧ୍ୟ ଲଗାମ ଲାଗିପାରିଲାନି। ମଦ ବିକ୍ରି ନେଇ ଅବକାରୀ ଓ ପୋଲିସକୁ ଅଭିଯୋଗ କଲେ ସୁଫଳ ମିଳୁନି। ନିକଟରେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ବିକ୍ରି ନେଇ ପ୍ରଶାସନକୁ ଅବଗତ କରାଇବା ପରେ ପୋଲିସ ବିଭାଗ ପକ୍ଷରୁ ଜଣେ ଏସ୍‌ଆଇଙ୍କୁ ଓ ଅବକାରୀ ବିଭାଗ ପକ୍ଷରୁ ଜଣେ ସବଇନ୍ସପେକ୍ଟରଙ୍କୁ ଲଗାମ ଦେବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ତେବେ ପୋଲିସ ଓ ଅବକାରୀ କର୍ମଚାରୀ ନିଶା ବ୍ୟବସାୟୀଙ୍କ ସହ ହାତ ମିଳାଇ ଚଢ଼ାଉ କରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ଅବକାରୀ ବିଭାଗ ଜବତ କରିଥିବା ଦେଶୀ ମଦ ଗାଏବ କରି ସନ୍ଦେହ ଘେରକୁ ଆସିଛି। ଅନ୍ୟପକ୍ଷେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଞ୍ଚଳରେ ମଦ,ଗଞ୍ଜେଇ ଓ ବ୍ରାଉନସୁଗାର ବିକ୍ରି ବନ୍ଦ ହେବା ବଦଳରେ କାରବାର ବଢ଼ି ଚାଲିଛି ବୋଲି ଲକ୍ଷ୍ମୀପ୍ରସାଦ ପଞ୍ଚାୟତବାସିନ୍ଦା ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଫେରାଦ୍ ହୋଇଛନ୍ତି । ସେହିଭଳି ଏନେଇ ଅବକାରୀ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଓ ଅବକାରୀ ଡାଇରେକ୍ଟରଙ୍କୁ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରାଯାଇଛି ।

ଅଭିଯୋଗ ଅନୁଯାୟୀ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଞ୍ଚଳରେ ଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ଚିନ୍ତାର କାରଣ ପାଲଟିଛି । ନିଶା ଖାଇ ଅନେକ ପରିବାର ଉଜୁଡିଗଲାଣି । କେତେଜଣ ଲୋକଙ୍କର ଜୀବନ ବି ଯାଇଛି। ଏଭଳିସ୍ଥଳେ ପଞ୍ଚାୟତବାସୀ ଗତ ଅଗଷ୍ଟ ମାସ ୨୧ରେ ଅଭିଯୋଗ ପରେ ଯଦୁପୁର ଗାଁରୁ ୨୦୦ ପ୍ୟାକେଟ ଦେଶୀ ମଦ ଅବକାରୀ ବିଭାଗ ଜବତ କରିଥିଲା । ତେବେ ମଦ ବ୍ୟବସାୟୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ମାମଲା ହେଲା ନାହିଁ କି ବ୍ୟବସାୟୀଙ୍କୁ ଗିରଫ କରାଗଲା ନାହିଁ । ବରଂ ମାମଲାକୁ ଚତୁରତାର ସହ ଚାପି ଦିଆଗଲା । ଯେଉଁମାନେ ମଦ ବିରୋଧୀ ଆନ୍ଦୋଳନରେ ଥିଲେ ସେମାନଙ୍କ ନାଁରେ ମାମଲା କରାଗଲା । ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି ମଦ ଜବତ ପରେ କାହିଁକି ମାମଲା କରାଗଲାନି। ଜବତ ମଦ କୁଆଡେ ଗଲା । ଏହାରି ପଛରେ କେଉଁମାନେ ଅଛନ୍ତି । ଏହାର ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ । ଅନ୍ୟପକ୍ଷେ ବାରମ୍ବାର ନିଶା ଉପରେ ବିରୋଧ ହେବା ପରେ ପୋଲିସ ବିଭାଗ ପକ୍ଷରୁ ଜଣେ ଏସଆଇଙ୍କୁ ଓ ଅବକାରୀ ବିଭାଗ ପକ୍ଷରୁ ଜଣେ ସବଇନ୍ସପେକ୍ଟରଙ୍କୁ ଲଗାମ ଦେବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ପଞ୍ଚାୟତବାସୀ ବି ଦୁଇ କର୍ମଚାରୀଙ୍କ ନାମରେ ମଧ୍ୟ ଜିଲାପାଳଙ୍କୁ ଅବଗତ କରାଇଛନ୍ତି । ଦୁଇ କର୍ମଚାରୀ ନିଶାକାରବାର ଉପରେ ଲଗାମ ନ ଲଗାଇ ନିଶା ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଖୋଲାଖୋଲି ଅଭିଯୋଗ ହୋଇଛି । ଦୁଇ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି । ସେହିଭଳି ପଞ୍ଚାୟତର କେଉଁ ସ୍ଥାନରେ ନିଶା ଦ୍ରବ୍ୟ ବିକ୍ରି ହେଉଛି ତାର ଠିକଣା ବି ପଞ୍ଚାୟତବାସୀ ଦେଇଛନ୍ତି।

